ମାସିକ ଇ-ପତ୍ରିକା

# ଆମ କବିତା

ଦ୍ୱିତୀୟ ବର୍ଷ
ତୃତୀୟ ସଂଖ୍ୟା
ମାର୍ଚ୍ଚ ୨୦୨୩



OPEN

Home Delivery available

# TASTY DOTS

## MORE FOOD, MORE LIFE



**TANDOOR**



**BIRYANI**



**CHINESE**



**INDIAN**

## VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar

# ଆମ କବିତା


### ମାର୍ଗଦର୍ଶକ
ଡ. ପ୍ରମୋଦ ଚନ୍ଦ୍ର ଦାଶ

### ସମ୍ପାଦକ
ନିଶିକାନ୍ତ କହଲସିଂହ

### ଉପଦେଷ୍ଟା ମଣ୍ଡଳୀ
ସମରଜିତ ପଟ୍ଟନାୟକ
ବାବାଜୀ ଜେନା
ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ

### ସହଯୋଗୀ ସମ୍ପାଦକ ମଣ୍ଡଳୀ
ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଈ

### ପ୍ରଚ୍ଛଦ ଓ ଅଙ୍ଗସଜ୍ଜା
ରାଜୀବ ରଥ
ପ୍ରୀତମ ବଳିୟାରସିଂହ



AMARISATYA ଆମରି ସତ୍ୟ Estd.: 2006 ODISHA

ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

# ସମ୍ପାଦକୀୟ



ଜୀବନର ଅସରନ୍ତି ରଙ୍ଗ
ଆଉ, ଅସରନ୍ତି ଢଙ୍ଗ
କାହା ପାଖରେ କେମିତି ........?
ଦେଖିଲି, ଶିଶୁଟିଏ ହସୁଥିଲା ଖିଲିଖିଲି
ମନଜିଣା......ମନକିଣା ......ହସ......
ପଚାରିଲି - ଜୀବନଟା କ'ଣ
ତୋ' ହସ ପରି........?
କହିଲା......ନା ତ.......
ଜୀବନ ତ ଗୋଟେ ଝିଲିମିଲି କାଚର କଣ୍ଢେଇ
ସବୁବେଳେ ଚିକମିକ୍......ସୁନ୍ଦର......
କିନ୍ତୁ, ହେଲେ ଟିକେ ଆନମନା......
ତଳେ ପଡି ହୋଇଯାଏ ଚୂନା........
ଏକଦମ୍....... କାଚର ଟୁକୁରା.......।

ଦେଖିଲି ମୁଁ ଯୁବା ଏକ
ଭାସୁଥିଲେ ତାରୁଣ୍ୟ ସ୍ରୋତରେ.....
କଥାକୁହା.....ସ୍ୱପ୍ନଝରା ଆଖି ଦେଖି
ପଚାରିଲି ଜୀବନଟା କ'ଣ.......
ତୁମ ସ୍ୱପ୍ନ ପରି ସବୁଜ.....ସତେଜ......?
କହିଲା ନା......ତ.......
ଜୀବନ ତ ଦେହର ସଉଦା.......
ମିଳିଯାଏ ଗାଆଁରେ ଗଣ୍ଡାରେ.......
ସହର ଓ ବଜାରର......
ଅଙ୍କାବଙ୍କା ଅନ୍ଧାରି ଗଳିରେ........।

ବୃଦ୍ଧ ଜଣେ ଚାଲୁଥିଲେ ଥରଥର ହୋଇ,
ପଚାରିଲି........ ଦେଖିଛକି.........
ଜୀବନକୁ କେବେ........
କେମିତି ସେ ଦେଖିବାକୁ.....ପାରିବକି କହି,
ଉତ୍ତରିଲେ କମ୍ପିତ ଅଧରେ........
ଜୀବନଟା ବହନ୍ତା ନଈଟେ........
ବହିଚାଲେ ଆଗକୁ..... ଆଗକୁ.......
ଭେଟିବାକୁ ମୃତ୍ୟୁ ସାଗରକୁ.........।

ଜୀବନଟା ଅବୁଝା ଲାଗିଲା......
ସତରେ.....ଜୀବନଟା.....ଚପଳତା.......
ବୟସର କାମନା ବାସନା.......
ଅବା......ବାର୍ଦ୍ଧକ୍ୟ ଯନ୍ତ୍ରଣା......?
ଶେଷରେ.....ଦେଖାହେଲା........
ଫୁଲ ବଗିଚାର ମାଳିଟିଏ........
ବୁଝାଇଦେଲା ପ୍ରାଞ୍ଜଳ ଭାବେ.........
ଜୀବନର ମାନେ କିଛି ନୁହେଁ.....ଫୁଲଟିଏ......
ଯିଏ.....ଜନ୍ମ ନିଏ ସକାଳେ.........
କଅଁଳ ପାଖୁଡା ମେଲି
ହସୁଥାଏ ସାରା ଦିନ.........
ଝରିଯାଏ ସଞ୍ଜ ନଇଁଗଲେ...........।

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଜୀବନ | ମନୋଜ ମିଶ୍ର | ୮ |
| ୨. | ଜୀବନର ପରିଭାଷା | ବେଣୁଧର ସୂତାର | ୯ |
| ୩. | ଅଢ଼େଇ ଦିନର ଜୀବନ | ରମେଶ ଚନ୍ଦ୍ର ମଙ୍ଗରାଜ | ୧୦ |
| ୪. | ଜୀବନ ଏମିତି ଗୀତଟିଏ. | ସୁକାନ୍ତି ମିଶ୍ର | ୧୧ |
| ୫ | ସେ'ତ ଜୀବନର....ଡାୟେରୀ ଟିଏ.... | ତପନ ଦୀକ୍ଷିତ(ବେଳାଭୂମି) | ୧୨ |
| ୬. | ଜୀବନ ସାଥୀ | ଆଶୁତୋଷ ମେହେର | ୧୩ |
| ୭. | ଜୀବନ | ଜୟନ୍ତୀ ସ୍ୱାଇଁ | ୧୪ |
| ୮. | ବୁନ୍ଦା ବୁନ୍ଦା ରେ ଜୀବନ..... | ପ୍ରଜ୍ଞା ମହାନ୍ତି | ୧୫ |
| ୯. | ଜୀବନ ରଥର ସାରଥି | ଜୟଶ୍ରୀ ପଟ୍ଟନାୟକ | ୧୬ |
| ୧୦. | ଜୀବନ | ଦିବାକର ନାୟକ | ୧୭ |
| ୧୧. | ଏଇତ ଜୀବନ | ଗୀତା ମିଶ୍ର | ୧୮ |
| ୧୨. | ଏଇତ ଜୀବନ | ହରିବନ୍ଧୁ ମଙ୍ଗରାଜ | ୧୯ |
| ୧୩. | ଜୀବନ : ଚିତ୍ରଲେଖା | ରତ୍ନପ୍ରଭା ବାଇ | ୨୦ |
| ୧୪. | ଜୀବନ | ଆରାଧନା ଦାଶ | ୨୧ |
| ୧୫. | ଜୀବନ | ବାସନ୍ତୀ ଦାସ | ୨୨ |
| ୧୬. | ଜୀବନ | ତାରାପ୍ରସାଦ ଜେନା | ୨୩ |
| ୧୭. | ପ୍ରତାରଣା | ରଞ୍ଜିତା ମିଶ୍ର | ୨୪ |
| ୧୮. | ଜୀବନ | ଆଲୋକ କୁମାର ପ୍ରଧାନ | ୨୫ |
| ୧୯. | ଏ କ'ଣ ଜୀବନ ! | ହାସ୍ୟମୟୀ ରାଜ୍ | ୨୬ |
| ୨୦. | ଜୀବନ ଜଳୁଛି | ନିରୁପମା ପାଣି | ୨୭ |
| ୨୧. | ଏମିତି ଜୀବନ | ବାବାଜୀ ଚରଣ ଜେନା | ୨୮ |
| ୨୨. | ବ୍ୟବଧାନ | ରାଜେଶ କୁମାର ମୁଣ୍ଡ | ୨୯ |
| ୨୩. | ଜୀବନ ମିଳିଛି | ଭ୍ରମର ନାଥ ପାତ୍ର | ୩୦ |
| ୨୪. | ଜୀବନ | ଅନିତା ପଣ୍ଡା | ୩୧ |
| ୨୫. | ଜୀବନ | ଶୈଳେନ୍ଦ୍ର ନାରାୟଣ ବେହେରା | ୩୨ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ସମୟ ରେ! ଟିକେ ରହି ଯା' | ସୁମିତା ବେହେରା ବାପି | ୩୩ |
| ୨୭. | ମୁଦା ଗମ୍ଭୀରା | ରୀତା ପଟ୍ଟନାୟକ | ୩୪ |
| ୨୮. | କବିର ଜୀବନ | ସୁପ୍ତି କର | ୩୫ |
| ୨୯. | ଜୀବନର ଉପନ୍ୟାସ | ଗାୟତ୍ରୀ ବେହୁରା | ୩୬ |
| ୩୦. | ପ୍ରିୟା, ମୋର ! | ବିନୟ ମିଶ୍ର | ୩୭ |
| ୩୧. | ଜୀବନ | ସୁନୀଲ ନାୟକ | ୩୮ |
| ୩୨. | ଜୀବନ ଅମୃତଦାନ | ଭାରତୀ ଭୂଷଣ ଦାସ | ୩୯ |
| ୩୩. | ଜୀବନ | ବସନ୍ତ କୁମାର ବେହେରା | ୪୦ |
| ୩୪. | ଜୀବନ | କାହ୍ନୁ ଚରଣ ମିଶ୍ର | ୪୧ |
| ୩୫. | ଜୀବନ | ଜ୍ୟୋତିପ୍ରଭା ପଟ୍ଟନାୟକ | ୪୨ |
| ୩୬. | ଜୀବନ | ବିଦ୍ୟାଧର ଖଟୁଆ | ୪୩ |
| ୩୭. | ଏହି ତ ଜୀବନ | ଶତ୍ରୁଜିତ୍ ଦାସ | ୪୪ |
| ୩୮. | ଜୀବନର ପରିଭାଷା | ନର୍ମଦା ପଣ୍ଡା | ୪୫ |
| ୩୯. | ଜୀବନ | ବୀଣାପାଣି ଦେବୀ | ୪୬ |
| ୪୦. | ଏଇତ ଜୀବନ | ପଦ୍ମନାଭ ପାଣିଗ୍ରାହୀ | ୪୭ |
| ୪୧. | ଜୀବନ | ସୁରେଶ ଚନ୍ଦ୍ର ରଥ | ୪୮ |
| ୪୨. | ସଂଜୀବନୀ | ଆରତୀ ପ୍ରହରାଜ | ୪୯ |
| ୪୩. | ପ୍ରୀତି ଶିକୁଳି | ବିରଜା ତ୍ରିପାଠୀ | ୫୦ |
| ୪୪. | ଜୀବନ ଏକ ଭିନ୍ନ ପ୍ରତିଜ୍ଞା | ସୁଜାତା ମହାରଣା | ୫୧ |
| ୪୫. | ବାସ୍ତବ ଜୀବନ | କାଳିପ୍ରସାଦ ମହାପାତ୍ର | ୫୨ |
| ୪୬. | ଜୀବନ | ବାସନ୍ତୀ ଦେଈ | ୫୩ |
| ୪୭. | ଜୀବନ | ନଳିନୀ ପ୍ରଭା ମିଶ୍ର | ୫୪ |
| ୪୮. | ଜୀବନ | ଅଞ୍ଜଳି ଦାସ | ୫୫ |
| ୪୯. | ଜୀବନ | ଛବିରାଣୀ ପତି | ୫୬ |
| ୫୦. | ଜୀବନ | ଶୋଭାଗିନୀ ନନ୍ଦ | ୫୭ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୧. | ଜୀବନ ଓ କାଳ | ଆରତୀ ମଞ୍ଜରୀ ଦାଶ | ୫୮ |
| ୫୨. | ଜୀବନଟା ଅଭିଧାନ | ଡ଼ ଚପଳା ପଣ୍ଡା | ୫୯ |
| ୫୩. | ଜୀବନର ଗୀତି | ସୁଜାତା ପଟ୍ଟନାୟକ | ୬୦ |
| ୫୪. | ଜୀବନ | ପୀତାମ୍ବର ଭୋଇ | ୬୧ |
| ୫୫. | କିଛି କଥା, କିଛି ବ୍ୟଥା | ପୂର୍ଣ୍ଣ ଦାସ | ୬୨ |
| ୫୬. | ଜୀବନ | ସେବତୀ ପରିଡ଼ା | ୬୩ |
| ୫୭. | ଏଇ ତ ଜୀବନ | ରମେଶ ଚନ୍ଦ୍ର ମିଶ୍ର | ୬୪ |
| ୫୮. | ମାନବ ଜୀବନ | ଅଜୟ କୁମାର ସେଠୀ | ୬୫ |
| ୫୯. | ଖୋଜୁଛି ପରମ ସତ୍ୟ | ତ୍ରିଲୋଚନ ଦାସ | ୬୬ |
| ୬୦. | ଜୀବନ ରଙ୍ଗ | ଯମେଶ୍ୱର କହଲସିଂହ | ୬୭ |
| ୬୧. | ଜୀବନ ଖେଳ | ଡ. ଶଙ୍କର ଡି. ମିଶ୍ର | ୬୮ |
| ୬୨. | ଜୀବନର ଅର୍ଥ | ଭବାନୀ ପ୍ରସାଦ କର | ୬୯ |
| ୬୩. | ଜନ୍ମ ଜନ୍ମାନ୍ତର | ଲକ୍ଷ୍ମୀପ୍ରିୟା ମହାରଣା | ୭୦ |
| ୬୪. | ହେ ଜୀବନ | ମନୋରମା ପଣ୍ଡା | ୭୧ |
| ୬୫. | ଜୀବନ ସମୟର | ନଳିନୀ ଦାଶ | ୭୨ |
| ୬୬. | ଜୀବନ | ଜବାହରଲାଲ ସୁବୁଦ୍ଧି | ୭୩ |
| ୬୭. | ଜୀବନାଞ୍ଜଳି | ଡକ୍ଟର ସୁଷମା ମିଶ୍ର | ୭୪ |
| ୬୮. | ଜୀବନ ରହସ୍ୟ | ରମାକାନ୍ତ ମିଶ୍ର | ୭୫ |
| ୬୯. | ଜୀବନ ଦର୍ପଣ | ପ୍ରତିମା ମଣ୍ଡଳ | ୭୬ |
| ୭୦. | ତିନିପଦ ଜୀବନ କବିତା | ନିଶିକାନ୍ତ କହଲସିଂହ | ୭୭ |

# ଜୀବନ

ମନୋଜ ମିଶ୍ର



ଜୀବନ....
କେତେବେଳେ ନିଏ କେଉଁ ରଙ୍ଗ
କେବେ ଲାଗେ ସ୍ୱପ୍ନ
ଏଇ ସତ ହେବ
ନିମିଷକେ ହୁଏ ମୋହଭଙ୍ଗ ।

ଅଚିହ୍ନା ଅଜଣା ମଣିଷଟେ କେବେ
ଢାଳିଦିଏ ପ୍ରୀତି ଅନୁରାଗ
ଆପଣାର କେବେ
ଉଜାଡ଼େ ସମ୍ପର୍କ
ହୃଦୟରୁ କାଢ଼େ ନିଜ ଭାଗ ।

ଜୀବନ.....
ଲାଗେ ସବୁ ଏଠି ଅସମାପ୍ତ
ସମାପ୍ତ ହୁଏନି କିଛି
କେବେ ଲାଗେ ସବୁ ଶେଷ
ପୁଣି ଦେଖେ ନାଁ'ତ, ଅଛି ।

ନୀଡ଼ ଖୋଜେ କେବେ ଜୀବନ
ଖୋଜେ ପୁଣି ଖୋଜେ
ପାଏନି କିଛି ସେ
ବ୍ୟର୍ଥତା ନିଆଁରେ ଆଉଟୁପାଉଟୁ
ଜଳିଯାଏ ଲକ୍ଷେ ସପନ ।

ଜୀବନ......
କେବେ ଅସରାଏ ବର୍ଷା ପରେ
ନୁଆଁଣିଆ ଚାଳଘର ମଥାନରୁ
ଧୂଆଁ ଉଠି ଅନୁରାଗ ବାଣ୍ଟେ

ଜୀବନ......
କେବେ ଭଙ୍ଗା ପାହାଚ଼ରେ
ବାରବାର
ନିଜ ପାଦ ନିଜେ ଝୁଣ୍ଟେ ।

ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ
ନୟାହାଟ, ପୁରୀ

# ଜୀବନର ପରିଭାଷା

ବେଣୁଧର ସୂତାର



ସମୟ ଭୂଗୋଳ କୋଳେ
ଯୁଗେଯୁଗେ ମହୀତଳେ
ଜୀବନର ବହଳ ବିଶ୍ୱାସ,
ସମୟର ଅବଦାନ
କେତେ ମିଠା ସମ୍ମୋହନ
ପରିବ୍ୟାପ୍ତ ମାଟିରୁ ଆକାଶ ।।

ସମୟର ବେଳାଭୂଇଁ
ବୟସ ଯାଉଛି ଛୁଇଁ
ଭାବମୟ ସପନ ଆବେଶ
ବହଳ ସଂସାର ଆଶା
ଜୀବନ ଜୀବିକା ପେସା
ବିତିଯାଏ ତମାମ ଆୟୁଷ ।।

ନୟନ ମୋଦିକା କୋଳେ
ଅନୁରାଗ ରଙ୍ଗ ତୋଳେ
ସ୍ୱପ୍ନ ଦେଖେ ଏ ମାଟି ମଣିଷ
ସମୟର ସନନ୍ଦରେ
ସାଂସାରିକ ଆନନ୍ଦରେ
ମିଳେ ସିନା ସୁଖର ପୀୟୂଷ ।।

ନୟନେ ସପନ ଭରି
ଗାଏ ଜୀବନର ଲୋରୀ
ସ୍ୱପ୍ନମୟ ତନ୍ଦ୍ରା ଅବସରେ
ଜୀବନର ମଧୁହାସ
ସମ୍ମୋହନ ପ୍ରୀତିରାସ
ଯଉବନ ଫୁଲର ବାସରେ ।।

ବୟସ ମାଦକ ରଙ୍ଗେ
ପ୍ରୀତି ଭରିଦିଏ ଅଙ୍ଗେ
ଯୌବନର ଉଦ୍ଦାମ ଲହରି
ସପନର ଫୁଲ ଫୁଟେ
ପ୍ରେମର ମହକ ଛୁଟେ
ଜୀବନଟା ସାଜେ ସ୍ୱପ୍ନପୁରୀ ।।

କେତେ ସୁଖ ଦୁଃଖ ମିଶା
ଜୀବନର ପରିଭାଷା
ଆୟୁଷର କୁହୁକ ବିନ୍ୟାସ
ବୟସର ଉପନ୍ୟାସେ
ହସ ଲୁହ ଅନୁପ୍ରାସେ
ପ୍ରାଣଲୋଡ଼େ ଜୀବନ ସନ୍ୟାସ ।।

ଏଇ ରଙ୍ଗ ଭୂମି ଖେଳ
ଛାଇ ଲେଉଟାଣି ବେଳ
ଏ ଦେହର ସୀମା ଛୁଇଁଯାଏ
ଫିକାପଡ଼େ ମନଜହ୍ନ
ବୟସେ ବାର୍ଦ୍ଧକ୍ୟ ଚିହ୍ନ
ଜୀବନର ଠିକଣା ହଜାଏ ।।

ଆସିଥିଲେ ଖାଲିଖାଲି
ଖାଲି ହାତେ ଯିବା ଚାଲି
ଚିରସ୍ଥାୟୀ ନୁହେଁ ଏ ଦୁନିଆଁ
କେତେ ଦୁଃଖ ଅବସାଦ
ଜୀବନର ପୂର୍ଣ୍ଣଛେଦ
ଅବଶେଷ ଜୁଇ ତଳ ନିଆଁ ।।

କେଶଦୁରାପାଳ, କେନ୍ଦୁଝର

# ଅଢ଼େଇ ଦିନର ଜୀବନ

ରମେଶ ଚନ୍ଦ୍ର ମଙ୍ଗରାଜ



ଜନମୁ ଆରମ୍ଭ ମରଣରେ ଶେଷ
ମଝିରେ ଜୀବନ ଖେଳ
ଅଢ଼େଇ ଦିନର ଏଇତ ସଂସାର
ସରି ସରି ଆସେ ବେଳ ।୦।

କୁଆଁ ଶବଦରେ ଜୀବନ ଆସଇ
"ହା" ଶବଦରେ ସରେ
ସମୟ ସହିତ ବାଟ ଚାଲିଥାଏ
ପାଦ ଚିପି ଧୀରେ ଧୀରେ
ପଲକ ଭିତରେ ଦିନ ସରିଯାଏ
ଟାଣିନିଏ ପାଖେ କାଳ ।୧।
ଜନମୁଁ ଆରମ୍ଭ........

ବାଲ୍ୟତ ଜୀବନ ଭାରି ସାଧାସିଧା
ପାଗଳ କରେ ଯୌବନ
ପ୍ରୌଢ଼ କରିଥାଏ ଭାରବୁହା ପଶୁ
ଯଥା ବଳଦ ସମାନ
ବାର୍ଦ୍ଧକ୍ୟ ନଇଁଲେ କୋଥଳିକି ଜାକି
ମନ ଖୋଜେ ଥଳକୂଳ ।୨।
ଜନମୁଁ ଆରମ୍ଭ.........

ନିଃଶ୍ୱାସ ପ୍ରଶ୍ୱାସେ ଜୀବନ ଚାଲିଛି
'ସ୍ୱ ଅହଂ'ର ଗୀତ ଗାଇ
ଗୀତ ସ୍ୱର କେବେ ବନ୍ଦ ହେଇଯିବ
କାହାରିକୁ ଜଣା ନାହିଁ
ଏଇତ ଜୀବନ ପାଣିର ଫୋଟକା
ନାହିଁ ତା'ର ବେଳକାଳ ।୩।
ଜନମୁଁ ଆରମ୍ଭ.........

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା

# ଜୀବନ ଏମିତି ଗୀତଟିଏ.....



**ସୁକାନ୍ତି ମିଶ୍ର**

ଦୁଇଦିନର ଏ ଜୀବନ ଏମିତି ଲହୁ ଲୁହେ ଭରା ଗୀତି
ସକାଳ ସୂରୁଜ ଢଳିବା ଆଗରୁ ନଇଁ ଆସିଥାଏ ରାତି
ଲୁହର କବିତା ଲେଖା ହୁଏ ନିତି ଶିଆଳିଲତାର  ଦେହେ
ଜୀବନଟା ନୁହେଁ ସରାଗରେ ଗୁନ୍ଥା ଖୁସିର ଗଜରାଟିଏ

ସପନଟେ କେବେ ଦେଖିବା ଆଗରୁ ସରି ସାରିଥାଏ ରାତି
ଚିଠିଟିଏ ଲେଖି ସାରିବା ଆଗରୁ ଲେଖାସରିଥାଏ ଇତି
ଗୁମୁରି ଗୁମୁରି ନୀଡ଼ଭଙ୍ଗା ସାରୀ ଝରାଫୁଲ ଗୀତି ଗାଏ
ଜୀବନଟା ନୁହେଁ ସରାଗରେ ଗୁନ୍ଥା ଖୁସିର ଗଜରାଟିଏ

ଭଙ୍ଗାଗଢ଼ା ଏହି ଦୁନିଆରେ ମିଛେ ପରିଚୟ ଖୋଜେ ସିନା
ମନପାଇଁ କେବେ ମନ ପାଏ ଖୋଜି ବିରହରେ ବିଭାବନା
ପାନ୍ଥଶାଳା କାନ୍ଥେ ନୂଆ ଠିକଣାଟେ ନିତିନିତି ଲେଖୁଥାଏ
ଜୀବନଟା ନୁହେଁ ସରାଗରେ ଗୁନ୍ଥା ଖୁସିର ଗଜରାଟିଏ

ଭସାବାଦଲରେ ଭଙ୍ଗାମନର ଛବି ନିତି ଆଙ୍କୁଥାଏ
ଜୀବନଟା ନୁହେଁ ସରାଗରେ ଗୁନ୍ଥା ଖୁସିର ଗଜରାଟିଏ.....

**"ସମ୍ପର୍କ"**
**ସାରସ୍ୱତ ନଗର, ସିଦ୍ଧମହାବୀର, ପୁରୀ**

# ଯେ'ତ ଜୀବନର ଦେଣା ପାଉଣାର ହିସାବ ଡାୟେରୀ ଟିଏ....

## ତପନ ଦୀକ୍ଷିତ(ବେଳାଭୂମି)

କିଛି ଜୀବନରେ ଲୋଡ଼ା ହୁଏ ଆଉ
କିଛିଟା ଅଲୋଡ଼ା ରୁହେ
କିଛି ପାଇବାରେ କିଛି ଖୋଜିବାରେ
ଦିନ ଯାଇ ସଞ୍ଜ ହୁଏ ।
କିଛି ବହିଯାଏ ସମୟ ସୁଅରେ
ଦିନ ବିତିଗଲା ପରେ
କିଛି ରହିଯାଏ ରାତି ସପନକୁ
ସ୍ମୃତିର ଫରୁଆଟିରେ ।
କିଛି ପଢ଼ା ହୁଏ ଆଖି ଲୁହ ପିଇ
ବେଦନା ପ୍ରଦୀପ ଜାଳି
କିଛି ଅପଢ଼ାରେ ପଡି ରହିଯାଏ
ଟିକେ ଖୁସି ଗଲେ ମିଳି ,
କିଛି ଧୋଇଯାଏ କିଛି ରହିଯାଏ
ଗାରେ ହସ ଧାରେ ଲୁହେ
ଯେ'ତ ଜୀବନର ଦେଣା ପାଉଣାର
ହିସାବ ଡାୟେରୀ ଟିଏ....।।

ନାସିକେଶ୍ୱର, କାକଟପୁର, ପୁରୀ



# ଜୀବନ ସାଥୀ

ଆଶୁତୋଷ ମେହେର

ସାଥୀବିନା ସଂସାରଟା ଲାଗେ ଏକାଏକା
ବାଟ ସତେ ଅସରନ୍ତି ମନେ ଭରି ଶଙ୍କା ।
ନିଛାଟିଆ ଗୁମ୍ ସୁମ୍ ଏକେଲା ଏକେଲା,
ଓଜନିଆ ଲାଗେ ଭାରି ଜୀବନର ଖେଳା ।।

ଫୁଲ ଫୁଟେ ମଉଳେ, କେହି ନୁହେଁ କାହାରି
ପ୍ରଜାପତି ରଙ୍ଗ ଡେଣା ଲାଗେ ଭାରି ଭାରି ।
ଭଅଁରର କୋଳାହଳେ ମନ ଯାଏ ରଚି,
ଜୀବନରେ ସାଥୀଟିଏ ଇନ୍ଦ୍ର ପାଖେ ଶଚି ।।

ମରୁଭୂମି ମରୁଦ୍ୟାନେ ସଙ୍ଗୀତ ଲହରି
ସାଥୀ ଦିଏ ସବୁ ଦିନେ ଭାବ ଧାରା ଭରି ।
ମରୁଝର ମିଠା ଜଳ ସପନ ସଙ୍ଗୀତ
ସତ ହେଉ ମିଛ ହେଉ ସଦା ଆତଯାତ ।।

ସାଥୀ ଏକା ହାତ ଧରେ ବିପଦ ଆପଦେ
କହିଥାଏ ବିନା ଆଶେ ମିଠା କଥା ପଦେ ।।

୫୪, ଆର୍ଯ୍ୟପଲ୍ଲୀ
କିଟ୍ ଛକ, ପଟିଆ
ଭୁବନେଶ୍ୱର

# ଜୀବନ

**ଜୟନ୍ତୀ ସ୍ୱାଇଁ**



ଜିଇଁବାର ନାମ ଜୀବନ ଏଠାରେ
ଜୀବନର ନାମ ଯନ୍ତ୍ରଣା,
ଜୀବନ ଜିଇଁବା ସଂଗ୍ରାମ ଚାଲିଛି
ଚାଲେ ଏଠି ନିତି ମନ୍ତ୍ରଣା ।।
କିଏ ରହେ ଏଠି ଭଙ୍ଗା କୁଡ଼ିଆରେ
କିଏ ରହେ ରାଜପ୍ରାସାଦେ,
କିଏ ବୁଲୁଥାଏ ସପନ ରାଇଜେ
କିଏ ରହିଥାଏ ବିଷାଦେ ।।
କିଏ ପିନ୍ଧେ ଏଠି ଚିରାଫଟା ବସ୍ତ୍ର
କିଏ ପିନ୍ଧେ ପାଟ ବସନ,
କିଏ ପାଏ ନିତି କଷ୍ଟର ଆଘାତ
କିଏ କରେ ନିତି ଶୋଷଣ ।।
କିଏ ଝୁଲେ ନିତି ଫୁଲର ଦୋଳିରେ
କିଏ ବୁଲେ ବାରଦୁଆର,
କିଏ ଖାଉଥାଏ ସୁସ୍ୱାଦୁ ଭୋଜନ
କିଏ ପାଏନାହିଁ ଆହାର ।।
କିଏ ବିଭୂଷିତ ସୁନାର ବେଶରେ
କିଏ ଥାଏ ଶୂନ୍ୟଦେହରେ,
କିଏ ବଞ୍ଚେ ଏଠି ହସ ଓ ଖୁସିରେ
କିଏ ଭିଜୁଥାଏ ଲୁହରେ ।।
କିଏ ଶୋଇଥାଏ ତୁଳିତଳ୍ପ ଶେଯେ
କିଏ ଶୁଏ ରାସ୍ତା କଡରେ,
ତଥାପି ସଭିଏଁ ସଂଗ୍ରାମରତ
ଜୀବନ ଜିଇଁବା ପାଇଁରେ ।।

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**

# ବୁନ୍ଦା ବୁନ୍ଦା ରେ ଜୀବନ.....

ପ୍ରଜ୍ଞା ମହାନ୍ତି



ଜୀବନର ସବୁଠାରୁ ଦୁଃଖର ମୁହୂର୍ତ୍ତ
ବିଶ୍ୱାସ ହାରିବାର ବେଳ
ବିଶ୍ୱାସକୁ ତୁମ ଅଜାଣତେ
କିଏ ଜଦି  ଖେଳିବସେ ଖେଳ ।

*

ଜୀବନ କେବେ ଏମିତି କନ୍ଦାଏ
ସୁଖସବୁ ଦୁଃଖ ଭଳି ଦିଶେ
ହେଲେ ଜୀବନ ଯେତେ ବି ହସାଉ
ଦୁଃଖ କ'ଣ ସୁଖ ଭଳି ବାସେ !

*

ସହଜେ ଜୀବନ ଛୋଟ
ଆହୁରି ଛୋଟ ମୁଁ କରିଦେଲି ତାକୁ
ଚାହିଁ ଚାହିଁ ତୋ' ବାଟ।

*

ଜୀବନପଥର ଗଡ଼ିଗଡ଼ି ହୁଏ ବାଲିଗରଡ଼ା
ରସାଳ ଆମ୍ବଟି ସୁଖିସାଖି ହୁଏ ଆମ୍ବୁଲଫଡ଼ା
ରଣିଫୁଲିଆ ଜହ୍ନରାତି ପରେ ଉଁଆସ ଆସେ
ଜୀବନ ଜିଇଁବା କଳା ଶିଖିଗଲେ
ଜୀବନ ହସେ।

*

ମାତୃ ନିବାସ, ମାତୃ ବିହାର,
ବୁଢ଼ାରାଜା, ସମ୍ବଲପୁର



# ଜୀବନ ରଥର ସାରଥି

**ଜୟଶ୍ରୀ ପଟ୍ଟନାୟକ**

ଜୀବନ ରଥର ସାରଥି ହେ ତୁମେ
ଦିଅ ମୋତେ ଦିବ୍ୟଜ୍ଞାନ
ପାପ ଆଉ ପୁଣ୍ୟ ପରଖୁଛ ବୋଲି
ସୁଖ ଦୁଃଖ ତୁମ ଦାନ ।୦।

ସକଳ ଜୀବର କାରଣ ହେ ତୁମେ
ସାଥି ସହୋଦର ତୁମେ
ଭବ ସାଗରରୁ ପାରି କରୁଅଛ
ପତିତପାବନ ନାମେ
ସକାଳରୁ ସଞ୍ଜ ଧ୍ୟାୟୀ ତୁମ ନାମ
ବିତିଯାଉ ଏ ଜୀବନ ।୧।

ସୁଖରେ ଦୁଃଖରେ ଭଲରେ ମନ୍ଦରେ
ସଦାଥାଅ ତୁମେ ପାଶେ
ଯୁଆଡ଼େ ଚାହିଁବ ଯେଉଁଠି ଦେଖିବ
ତୁମେ ଥାଅ ଚଉପାଶେ
ବିପଦ ବେଳରେ ଆହା କର ବୋଲି
ଡାକେ ବିପଦ ଭଞ୍ଜନ ।୨।

ଦେହ ଦେଉଳରେ ବିଜେ ହୋଇ ତୁମେ
ଦୁଃଖ ଶୋକୁ ଉଦ୍ଧରୁଛ
ଅନ୍ଧ ହୋଇ ଯେବେ ହୁଏ ବାଟବଣା
ବାଟ କଢ଼ାଇ ନେଉଛ
ତୁମରି କରୁଣା ଜୀବନେ ମୋହର
ଆଣୁ ଶୀତଳ ଚନ୍ଦନ ।୩।

ଦର୍ଶନରେ ତୁମେ ଶ୍ରବଣରେ ତୁମେ
କୀର୍ତ୍ତନରେ ଥାଅ ବୋଲି
ବିଷୟ ବାସନା ସଂସାର ଜଞ୍ଜାଳ
ସବୁ ଯାଉଥାଏ ଭୁଲି
ତୁମ ନାମ ରସ ଜପୁଥିଲେ ଚିତ୍ତେ
ମିଳେ ତୁମ ଦରଶନ ।୪।

**ଗଙ୍ଗନଗର ଛକ, ଭୁବନେଶ୍ୱର**

# ଜୀବନ

ଦିବାକର ନାୟକ



ଜୀବନ ଜୀବନ ଜୀବନ
ଏଇନା ଥିବ ସେ ଏଇନା ନଥିବ
ମାନେନା ସେ କାହା ବନ୍ଧନ (୦)

ସିନ୍ଧୁରେ କେବେ ବିନ୍ଦୁ ପୁଣି ସେ
ବିନ୍ଦୁରେ ପୁଣି ସିନ୍ଧୁ
କାହାକୁ ଲାଗେ ସେ ସାତ ପର ଆଉ
କାହାକୁ ଲାଗେ ସେ ବନ୍ଧୁ

ଜଳୁଜଳୁ ସିଏ ଲିଭିଯାଏ ଦିନେ
ସରିଲେ ଆପଣା ଇନ୍ଧନ..
ଏଇନା ଥିବ ସେ ଏଇନା ନଥିବ
ମାନେନା ସେ କାହା ବନ୍ଧନ (୧)

ହସର ଲୁହର ବିଷ ପିୟୂଷର
ସେ ଏକ ସାଗର ମନ୍ଥନ
ଜୟ ପରାଜୟ କୁସୁମମାଳାର
ସେ ଏକ ଅପୂର୍ବ ଗୁନ୍ଥନ

ଫେରିଯାଏ ସିଏ କରୁକରୁ ତା'ର
ଅସଲ ଠିକଣା ସନ୍ଧାନ..
ଏଇନା ଥିବ ସେ ଏଇନା ନଥିବ
ମାନେନା ସେ କାହା ବନ୍ଧନ (୨)

ପାଟପୁର, କନିସି
ଗୋଳନ୍ଥରା, ଗଞ୍ଜାମ

# ଏଇତ ଜୀବନ

## ଗୀତା ମିଶ୍ର

ଦୁନିଆର ରଙ୍ଗମଂଚେ
ଆମେ ସବୁ କଳାକାର
ପୁତ୍ର, କନ୍ୟା, ଭାତୃ, ଭଗ୍ନୀ
ପିତା, ଜାୟା, ଜନନୀର ।

ଅଭିନୟ କରୁକରୁ
କେବେ ମିଳେ ସଫଳତା
ଭାଙ୍ଗିଯାଏ ହୃଦ, ମନ
ମିଳେ ଯେବେ ବିଫଳତା ।

ସ୍ୱପ୍ନର ମୀନାର ତା'ର
ଭାଙ୍ଗି ହୁଏ ଚୁରମାର୍
ହରାଶା ଆଉ ହତାଶା
ବଦଳାଏ ମୋଡ଼ ତା'ର ।

ହା..ହୁତାଶରେ ଭରେ
ତା'ର ଏଇ ଜୀବନଟା
ମୋହ ମାୟାଜାଲେ ପଡ଼ି
ହୁଏ ଖାଲି ହଟହଟା ।

ତଥାପି ବଞ୍ଚିଛି ସିଏ
ଖୁସିର ସମ୍ଭାବନାରେ
କାଳେ ମିଳିଯିବ ସେଇ
ଆତ୍ମୀୟତା ଜୀବନରେ ।

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ଅନୁଗୁଳ

# ଏଇତ ଜୀବନ

ହରିବନ୍ଧୁ ମଙ୍ଗରାଜ

ଜୀବନ ଏକ ସନ୍ତରଣ ରେଖା
ପାପୁଲିରେ ଗାର ହୋଇ
ଚାଲିବା ପଥରେ ନିତି ପହଁରଇ
ଭବିଷ୍ୟତ କହୁ ଥାଇ............।। ୦ ।।

ଆଗତ ନାଗତ ଅତୀତ କୁହେ
ଭାଗ୍ୟରବି ଉଦେ ନେଇ
କିଏ କାନ୍ଦୁଥାଏ ପତ୍ରକୁଡ଼ିଆରେ
କିଏ ଦୁଃଖ ସାଉଁଟଇ
କାହାକୁ ନମିଳେ ଅଇଁଠା ପତର
ଭୋକେ ପେଟ ଦରାଣ୍ଡଇ.......।। ୧ ।।

କିଏ ଶୋଇଥାଏ ରତ୍ନ ପଲଙ୍କରେ
ପାଏନା  କେ ଛିଣ୍ଡାଦରି
କାହାକୁ ନରୁଚେ ସୁନା ଚାମୁଚରେ
କିଏ ପାନ୍ଥଶାଳା ପରୀ
ଏଇତ ଜୀବନ ଭାଗ୍ୟ ବିଡମ୍ବନା
କପାଳ କୋଷ୍ଠୀକୁ ନେଇ........ ।। ୨ ।।

ଭୁବନେଶ୍ୱର

# ଜୀବନ : ଚିତ୍ରଲେଖା

**ରତ୍ନପ୍ରଭା ବାଇ**

ଜୀବନ ଯେବେଠୁ ବଇରାଗୀ ହେଲା
ସବୁ ତ ହୋଇଛି ମନା
ଚିତ୍ରଲେଖା, ନାମେ ଚିଠି ଲେଖି ମତେ
କର କାହିଁ ଆନମନା ।। ୦ ।।

ଅନୁରାଗ ରଙ୍ଗେ ରଚେଇ ଏମିତି
ଲେଖିତ ହୃଦୟ ଖୋଲି
ତମେ ତ, ମୋ' ପାଇଁ ଫଗୁଣର ଫୁଲ
ଚଇତର ଚନ୍ଦ୍ରମଲ୍ଲୀ,
ମଉଳା ହେଲେ ବି ମହକି ଯାଉଚି
ବୟସର ମିଠା ବାସ୍ନା ।
ଜୀବନ ଯେବେଠୁ ........ ।। ୧ ।।

ଆଖିଠୁ ଅନେକ ଦୂରେ ଅଛ ବୋଲି
ନାହିଁ ଟିକେ ମୋ'ର ଦୁଃଖ
ତମେ ତ, ମୋ' ପାଇଁ ଭଗ୍ନ କୋଣାର୍କର
କମନୀୟ ଶିଳାଲେଖ
ଶତ ଶୃଙ୍ଗାରର ଛନ୍ଦ ତୋଳି ମୋ'ର
ବଢ଼େଇ ଦେଉଛ ତୃଷ୍ଣା
ଜୀବନ ଯେବେଠୁ........ ।। ୨ ।।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର, ଅନୁଗୁଳ

# ଜୀବନ

ଆରାଧନା ଦାଶ



ଜୀବନ ଏମିତି
ଦୀପ ଶିଖାଟିଏ
ଏନ୍ତୁଡ଼ି ନିଆଁରୁ ଜଳେ,
ଲିଭିଯାଏ ପୁଣି
ଜୁଇନିଆଁ ସାଥେ
ଜାଣି ହୁଏ ନାହିଁ ତିଳେ ।

ଜୀବନ ଏମିତି
ଭରା ନଦୀଟିଏ
ସୁଖ ଦୁଃଖ ଦୁଇ ତଟ,
କେବେ ଏ କୂଳରେ
କେବେ ସେ କୂଳରେ
ହୋଇଥାଏ ପୁଣି ଭେଟ ।

ଜୀବନ ଏମିତି
ପାଣି ଫୋଟକାଟେ
ଏଇ ଅଛି ଏଇ ନାହିଁ,
କେବେ ଛାଡ଼ି ଯିବ
ଏ ଦେହ ମନ୍ଦିର
କିଏ ବା ପାରିବ କହି ।

ତଥାପି ମନରେ
ହିଂସା, ଘୃଣା ଭାବ
କରିଅଛି ସଦା ଘର,
ମୋ'ର ମୋ'ର କହି
ଆବୋରିଛ ଯାହା
ସବୁ ହେବ ସାତପର ।

ସାରା ଜୀବନର
ସଞ୍ଚିତ ଅର୍ଥ
ଛାଡ଼ିବାକୁ ଦିନେ ହେବ,
ରାଗ ଦ୍ୱେଷ ଆଉ
ମୋହ ମାୟା ସବୁ
ଜୁଇ ପରେ ଜଳିଯିବ ।

ଦୁର୍ବଳତା ଅଟେ
ମରଣ ସମାନ
ଦାୟିକତା ହିଁ ଜୀବନ,
ମାନବ ଜୀବନ
ନୁହଁଇ କେବଳ
ବର୍ଷ ମାସ ଆଉ ଦିନ ।

ଶହେ ବର୍ଷ ରହି
କିଛି ଲାଭ ନାହିଁ
ବଞ୍ଚିଥିଲେ ନିଜ ପାଇଁ,
ମୁହୂର୍ତ୍ତ ଜୀବନ
ସାର୍ଥକ ହୋଇବ
ବଞ୍ଚିଥିଲେ ଅନ୍ୟ ପାଇଁ ।

ପ୍ରଧାନ ଶିକ୍ଷୟିତ୍ରୀ
ସାମନ୍ତ ସିଂହାର କେଲୁଚରଣ ଉଚ୍ଚ ବିଦ୍ୟାଳୟ,
ପତ୍ତପୁର, କେନ୍ଦ୍ରାପଡ଼ା

# ଜୀବନ

## ବାସନ୍ତୀ ଦାସ



ଜୀବନ ଏମିତି
ମଧୁର ମଳୟ
ସୁଲୁସୁଲୁ ବହୁଥାଏ,
ବସନ୍ତ ଆସିଲେ
ଜୀବନ କୁଂଜରେ
କୋଇଲି ମଧୁରେ ଗାଏ ।

ହସ କାନ୍ଦ ପୁଣି
ବିରହ ବିଚ୍ଛେଦ
ଆସି ପୁଣି ଚାଲିଯାଏ
ରାତି ପରି ଦିନ
ସୁନ୍ଦର ଲାଗଇ
ଫୁଲର ମହକ ଦିଏ ।

ଜାଣିଚି ଜୀବନ
ପାଣି ଫୋଟକାଟେ
ଲୁଚକାଳି ଖେଳୁଥାଏ
ଯେବେ ସେ ଖେଳୁଚି
ସେଇ ପଲକରେ
ଆତ୍ମହରା ମୁଁ ହୁଏ ।

ସୁଖ ଦୁଃଖ ସବୁ
ପଣତେ ସାଉଁଟି
ଜୀବନ ଆଗେଇ ଯାଏ
ଖରାଛାଇ ଖେଳ
ସପନ ରାଜ୍ୟ ଏ
ଆପେ ମହକିତ ହୁଏ ।

କେବେ କଣ୍ଟାବଣ
କେବେ ଫୁଲବନ
ସାଥେସାଥେ ଭେଟୁଥାଏ
ଆପଣା ଓ ପର
ଭାବନାଟି ସତେ
ମନୁ ଅପସରି ଯାଏ ।

ମୁଁ ଚାଲିଗଲେ
ମୋ' ସ୍ମୃତି ରହିବ
କାହା ହୃଦୟରେ ଖିଏ
ସାର୍ଥକ ହୋଇବ
ଜନମ ଜୀବନ
କାଳେ ଯୁଗଯୁଗ ଯାଏ ।

ଏ ବାଟରେ ଚାଲି
ବଂଚିବା କୌଶଳ
ନିତି ନିତି ଶିଖୁଥାଏ
ସମୟ ସାଥିରେ
ପାଦକୁ ମିଳାଇ
ଜୀବନ ଗୀତିକା ଗାଏ ।

ଭୀମଟାଙ୍ଗୀ, ଭୁବନେଶ୍ୱର

# ଜୀବନ

ତାରାପ୍ରସାଦ ଜେନା



ବୟସର ଏଇ ମାପକାଠି ଧରି ଜୀବନର ହୁଏ ମାପ
ନିଜ ପରିଚୟ ନିଜେ ଖୋଜୁ ଖୋଜୁ
ହସ କାନ୍ଦ ମିଳେ ରୂପ
.....ବୟସର ଏଇ ମାପକାଠି ଧରି........ ! ୦ !

ବାଲ୍ୟ, ଯଉବନ, ବୃଦ୍ଧ କାଳ ସ୍ଥିତି
ଜୀବନର କ୍ରମ ଧାରା
ଲୀଳାଖେଳା ସାଥି ସ୍ମୃତି ଅନୁଭୂତି
ହତ ଚକିତକୁ ଧରା,
ପ୍ରାରବ୍ଧକୁ ଯାହା ବିଶେଷତ୍ୱ ଅଛି
ଜ୍ଞାନ ପାଇ ପୁଣ୍ୟ, ପାପ
.....ବୟସର ଏଇ ମାପକାଠି ଧରି........ ! ୧ !

ବସା, ଦଶା ସାଥେ ଭାଗ୍ୟ କର୍ମ ଯୋଡ଼ା
ଲକ୍ଷ୍ୟ, ଅବସୋସ ଘେନି
କେତେବେଳେ ମୁହେଁ କୁରୁଳୁଛି ହସ
କେତେବେଳେ ବସେ ତୁନି,
ଜୀବନଟା ମାଟି ପାଲଟେକି ସୁନା
ଅସରନ୍ତି ମନ ଗପ
.....ବୟସର ଏଇ ମାପକାଠି ଧରି........ ! ୨ !

ଜୀବନର ଅଙ୍କ କଷିବାକୁ ନିତି
ଅଛିଣ୍ଡାରେ ରହେ ଫଳ
ଜୀବନ ନାଟକ ଦୁଃଖ ସୁଖ ଦ୍ୱନ୍ଦ
ଆପେ କରେ ବହି ଖେଳ,
ଜୀବନର ପଣ ଅବା ସଦଗୁଣ
ଭଲ ମଣିଷର ଛାପ
.....ବୟସର ଏଇ ମାପକାଠି ଧରି........ ! ୩ !

ରାଜ ରଣପୁର, ନୟାଗଡ଼



# ପ୍ରତାରଣା

**ରଞ୍ଜିତା ମିଶ୍ର**

ଜୀବନର ମାନେ କିଛି ନୁହେଁ ବନ୍ଧୁ
ଖାଲି ଗୋଟେ ବୁଝାମଣା
ଜିଇଁବାକୁ ହୁଏ ପ୍ରତି ମୁହୂର୍ତ୍ତରେ
ପିଇ ପିଇ ପ୍ରତାରଣା ।

ଚାଲୁଚାଲୁ ଯଦି ମନ କେବେ ଥରେ
ହେଇଯାଏ ବାଟବଣା
ଝୁଣ୍ଟିବାର ଭୟ ଅନେକ ସେଇଠି
ଭୋଗେ ଅସହ୍ୟ ଯନ୍ତ୍ରଣା ।

ସମ୍ପର୍କର ସେତୁ କପଟରେ ଗଢ଼ା
ଖୋଜେ ସ୍ୱାର୍ଥର ପାଉଣା
ଅନ୍ତରଙ୍ଗ ଯିଏ ଅନ୍ତର ହୁଏ
ହଜେଇ ସ୍ନେହ ଠିକଣା ।

ଜନମରେ ଏକା ଯିବାବେଳେ ଏକା
ମଝି ଅଭିନୟ ଅଲଣା
ପାଦଚିହ୍ନ ତୋ'ର ଅଲିଭା ହୋଇଲେ
ଝୁରିବରେ ମର୍ତ୍ତ୍ୟ ଅଗଣା ।

**ବଇଣ୍ଡା, ଅନୁଗୁଳ**

# ଜୀବନ

## ଆଲୋକ କୁମାର ପ୍ରଧାନ

ଜୀବନ ବିଚିତ୍ର ଫୁଲ କେବେ କେତେ ରଙ୍ଗର ଆକାଶ
ଆକାଶ ବି ଭାଙ୍ଗିପଡ଼େ ଭେଟ ହେଲେ ଶେଷତମ ଶୋଷ,
ଶୋଷର କି ଯାଏ ଆସେ ମିଳିଗଲେ ତୃପ୍ତିର ମୁହାଣ
ମୁହାଣ ମହଣେ ସ୍ୱପ୍ନ ଶିରି ତୁଟା ଶୋଷ ପଦଚିହ୍ନ ||

ଚିହ୍ନକୁ ବି ଚିହ୍ନି ହୁଏ କେବେ କେଉଁ ଅଚିହ୍ନା ରାସ୍ତାରେ
ରାସ୍ତା ଖୋଲେ ହୃଦୟକୁ ଛୁଇଁହୁଏ ଅଦେଖା ପାଦରେ,
ପାଦରେ ପଦୁଟେ ଲେଖି ଅଳତାକୁ ସାକ୍ଷୀ ରଖିଦେଲେ
ଦେହକୁ ପରଖି ହୁଏ ମୋହମୟା ପାଦଟିଏ ହେଲେ ||

ହେଲେ ହେଉ ଜୀବନଟା ଏଇ ଅଛି ଏଇ ନାହିଁ ରଙ୍ଗ
ରଙ୍ଗ ଭର୍ତ୍ତି ଆକାଶଟା ନାଉଥାଉ ମେଘର ସରାଗ,
ସରାଗେ ଶିଶିର ଡାକୁ ଯେତେ ସବୁ ଅମାନିଆ ପଣ
ପଣରେ ପରାଣ ଲଭୁ ଜୀବନଠୁଁ ଦୂରରେ ନିର୍ବାଣ ||

ନିର୍ବାଣ ମୋ' ଲୋଡ଼ା ନାହିଁ ଲୋଡ଼ା ନାହିଁ ସରଗେ ରହଣି
ରହଣିଆ ମନ ମୁନେ ପ୍ରେମ ହେଉ ନାକର ବସଣି ||

ଅମୃତାଂଶୁ, ବାଲିଗୁଆଳି, ପୁରୀ

# ଏ କ'ଣ ଜୀବନ !



**ହାସ୍ୟମୟୀ ରାଜ୍**

ତୁମେ ଠିକ୍ ଦେଖିପାରନି
ଆଗରେ ହସ ଅଛିକି ଲୁହ
କହିବି ପାରିବନି
କାଲି ଦେଖି ପାରିବକି ନାହିଁ
ସୂର୍ଯ୍ୟର ସୁନେଲି ମୁହଁ
ଉଠି ଉଠି ଉଠିଛ ଅବା
କେତେ ଉପରକୁ...
ଛୁଇଁଛକି ଆକାଶର
ନୀଳ ନୀଳ ବଉଦ ମାଳାକୁ !
ହଁ, କରିଛ ବିବେକକୁ ନିଲାମ୍
ସାଜିଛ  କିଛି ଅର୍ଥର ଗୋଲାମ୍
ସେ କ'ଣ ମାପି ପାରିଛି
ତୁମ ମଣିଷ ପଣିଆ !
କେତେ ଦେଇଛି କାହାକୁ
ତୁମ ହଁ ହଁ'ର ଦୁନିଆଁ
ବୁଝିଲନି କେବେ
ଜନ୍ମ ଆଉ ମୃତ୍ୟୁ ଏ ଦୁଇ ନିଆଁ
ଶତ ଧିକ୍ ତୁମ ଶିକ୍ଷା ସଂସ୍କାର
ଶତ ଶତ ଧିକ୍
ତୁମେ ଗଢିଥିବା ତ୍ରିତଳ ପ୍ରାସାଦ
ଯେ  ଦେଇଛି କେବଳ ଅହଂକାର

ଥରେ ଆଖିବୁଜି ଦେଲାପରେ
ସବୁ ସାତପର
କେହି ନୁହେଁ କାହାର
ମଣିଷ ପଣିଆ ଟିକକ
ରହିଥିବ ହୋଇ ଚିରକାଳ ଭାସ୍ୱର
ସତ କହିଲ
ତୁମେ କେତେ ଉପରକୁ ଉଠିଚ ଯେ
ଭୁଲି ଯାଇଛ ତୁମେ ଛୁଇଁଥିବା
ମାଟିର ପ୍ରଥମ ପାବଛ
ଭୁଲି ଯାଇଛ
ତୁମ ମୁଣ୍ଡ ଉପରେ ଥିବା କାହାର ହାତ
ବିସ୍ମରି ଗଲ ତୁମ ଅତୀତ
ଶୂନ୍ୟତାରୁ ପୂର୍ଣ୍ଣତା
କେତେ ଦୁରୂହ
କେତେ ଦୂରତା
ହେଲେ ପୂର୍ଣ୍ଣତାକୁ ହାତ ମୁଠାରେ ଧରି
କାହିଁକି ହୁଅ ଶୂନ୍ୟ
କାହିଁକି ହୁଅ ହୃଦୟହୀନ
କାହିଁକି ହୁଅ କ୍ଷୁନ
ଏଥିରେ କ'ଣ ଅଛି
ଜିଇଁବାର ସ୍ୱପ୍ନ ଅବା ଜୀବନ !!

**ଓରାଳି, ହାଟଡିହି, କେନ୍ଦୁଝର**

# ଜୀବନ ଜଳୁଛି

ନିରୁପମା ପାଣି

ଜୀବନ ଜଳୁଛି
ଯନ୍ତ୍ରଣା  ନିଆଁରେ
ମରଣ ହସୁଛି ଦେଖି
କଳା କର୍ମ ପୁଣି
କରେ ଉପହାସ
ସମୟ  ଯାହାର ସାକ୍ଷୀ

ଯେତେ ଚାହିଁଲେ ବି
ବାନ୍ଧି ପାରିଲିନି
ସୁଖକୁ ଛିଣ୍ଡା ପଣତେ
ଭାଗ୍ୟ ତ ଖେଳିଲା
ସବୁ ହରିନେଲା
ନ ଜାଣିଲି ଅଜାଣତେ

ଏକାକୀ ଲଢ଼ିବା
ଜନ୍ମରୁ ଶିଖିଛି
ଡରିନାହିଁ ହାରିବାକୁ
ଭୁଲିନି ଜୀବନେ
ସଂସ୍କାର ସଂସ୍କୃତି
କନ୍ଦାଇନି ବି କାହାକୁ

ଛଳର ବଶ ମୁଁ
ହୋଇନି ହେବିନି
କପଟରୁ ଥିବି ଦୂରେ
ପାଇଲେ ପାଇବି
ନ ପାଇଲେ ନାହିଁ
ଛଡ଼ାଇ ନେବିନି କା'ରେ

ପର ହସ ନେଇ
ପର ଦାନା ଖାଇ
ଅପଯଶ ନେବିନାହିଁ
ପାଣି ମୁନ୍ଦେ ପିଇ
ପଛେ ଯିବି ଶୋଇ
ଅବସୋସ ମୋର ନାହିଁ

ମରିଲେ ମରିବି
ଛିଣ୍ଡା ଲୁଗା ପିନ୍ଧି
ଛଡ଼ାଇ ନେବିନି କା'ର
ଆଖି ଲୁହ ମୋ'ର
ସମ୍ବଳ ଶକତି
ସାହା ସେ କଳା ଠାକୁର।

ଚାନ୍ଦବାଲି, ଭଦ୍ରକ

# ଏମିତି ଜୀବନ



**ବାବାଜୀ ଚରଣ ଜେନା**

କିଛି ଦୁଃଖ ଅଛି କହି ହୁଏନା କି
ସହି ଜମା ହୁଏନାହିଁ
ବଞ୍ଚିବା ପାଇଁକି ଅଭିନୟ କରେ
ମୁହେଁ ରଙ୍ଗ ବୋଳିହୋଇ
କହି ଜମା ହୁଏ ନାହିଁ...।୦।
ଦୁଃଖର ବି ଗୋଟେ ସୀମାରେଖା ଅଛି
ସବୁତ ଗଲାଣି ଡେଇଁ
ଜୀବନ ଯାତନା ବଢ଼ିବଢ଼ି ଯାଏ
ଲୁହ ହେଲାଣି ତ ନଈ
ପତ୍ର ନଥିବା ଥୁଣ୍ଟା ଗଛଟିଏ
ଦେଇ ପାରେନାହିଁ ଛାଇ
ଆକାଶକୁ ଚାହିଁ ଜଳୁ ଥାଏ ସିନା
କା' ଭାବନା ବୁଝେ ନାହିଁ
ଦେଇ ପାରେ ନାହିଁ ଛାଇ...।୧।
ମୃତ୍ୟୁକୁ କେବଳ ଅପେକ୍ଷା କରଇ
ପ୍ରତିକ୍ଷାଳୟ ରେ ରହି
ଯିଏ ଯାହା କହେ ସହି ଯାଏ ସବୁ
ଦୁଇ ଆଖି ବୁଜି ଦେଇ
ପ୍ରତାରଣା ଯାହା ଆଦରି ନେଇଛି
ବିଗତକୁ ଭୁଲି ଯାଇଁ
ମନ କଥା ଏଠି କହିବା ପାଇଁକି
ସାଥି ଟିଏ ମିଳେ ନାହିଁ
ସମୟ ଯାଏତ ବହି...।୨।

ଅହଲ୍ୟା ନିବାସ
ପୋପରଡା, ନୂଆବଜାର,କଟକ

# ବ୍ୟବଧାନ

**ରାଜେଶ କୁମାର ମୁଣ୍ଡ**



ଜୀବନରେ ଅନେକ ଅନ୍ଧଗଳି
ଯେଉଁଠି ଛିଡ଼ା ହେଲେ
ଆପେ ଆପେ ଛନ୍ଦି ହେଇଯା'ନ୍ତି
ଅଜଣା ସମ୍ପର୍କର ଅଡୁଆ ଜାଲ ।

ଦେବା ଲାଗି କିଛି ନ ଥିଲେ ବି
ନେବା ପାଇଁ ବି କିଛି ନାହିଁ ।
ଆଖିର ଶେଷ ଅଶ୍ରୁ ବୁନ୍ଦା ବି
ଶୀତେଇ ଦେଇପାରେ ଆଗ୍ନେୟଗିରିକୁ
ଆଖିର ପଲକ ମାତ୍ରକେ
ବନ୍ଦ ହେଇଯାଇପାରେ
ଅତୀତର ରାସ୍ତା,
ଦୀର୍ଘଶ୍ୱାସରେ ଗଢ଼ି ହେଇପାରେ
ମେଘଭର୍ତ୍ତି ଆକାଶରେ ଘରଟିଏ ।

ଆତ୍ମ ଅଭିମାନରେ ଯେମିତି
ପାରିଲାପଣର ନିଦର୍ଶନରେ
ନିପାରିଲାପଣର ଛଦ୍ମ ଖୋଳପାରେ
ଲୁଚିଯାଏ ଅପାରଗତାର ପୋଖରୀ ।

କିନ୍ତୁ ସରୁ ଆଲୁଅର ରେଖାରେ
ଯେବେ ଚାଲେ ଜୀବନର ପାଦ
ସବୁକିଛି ସହଜ ହେଇଯାଏ,
ଜନ୍ମ ଓ ମୃତ୍ୟୁର ବ୍ୟବଧାନ ଭିତରେ ।

ସମୟ ସହ ତାଳ ଦେଇ
ଚିରଦିନ ପୋତିଥିବା ମୁହଁ
ଉପରକୁ ଉଠେ
ଘୁଞ୍ଚିଯାଏ ଦୁର୍ଦ୍ଦିନର ପଦ୍ମ
ପାଖେଇ ଆସେ ସ୍ୱପ୍ନର ଇଲାକା
ପୂର୍ଣ୍ଣ ହେଇଯାଏ ପୂର୍ଣ୍ଣତାର ବ୍ରହ୍ମନାଦରେ,
ଅମୃତମୟ ହେଇଯାଏ ପାପୁଲି
ଦି'ମୁଠା ବିଷ ବଦଳରେ ।

**ଧର୍ମଗଡ଼, କଳାହାଣ୍ଡି**

# ଜୀବନ ମିଳିଛି

ଜୁମର ନାଥ ପାତ୍ର

କେବେ ସେ ପେଲୁଥିଲା ଡାଇନାମା
ଠାକୁର ଭସାଣି ରାତିରେ ତ
କେବେ ବର ରୋଷଣୀରେ
ନାଚୁଥିଲା ନିରୋଳାରେ ଘରଟି ଭିତରେ
ମନେପକେଇ ଡିଜେ ସାଉଣ୍ଡକୁ
ମନକୁ ମନ କୁରୁଳୁଥିଲା
ବସ୍ତାନି କେବେଠୁ ପାପଛ ହୋଇଛି
ମନେ ନାହିଁ ତା'ର ଆଉ
କୁଆଡ଼େ ଗଲା ସେ
ହଜିଗଲା ଏତେ ବଡ଼ ଦୁନିଆରେ କେମିତି
ଖୋଜାଖୋଜି ଖୋଳତାଡ଼ ଅସାର ଯାହା
ସେଇ ଯେ ଦୂର୍ଗା ଭସାଣିରେ ଯାଇଛି
ଡାଇନାମା ମାଲିକ ବି ନିରୁତ୍ତର
ପାପ ମନ ଟାଣି ଆଣିଲା ପାଦ ଯୋଡ଼ିକୁ
ଏଇ ଉଛୁଳା ନଦୀ ଧାରକୁ
ଜୀବନ ଜୀବନ ଡାକଟା ଲେଉଟି ଆସେ
ପ୍ରତିଧ୍ୱନିତ ହେଇ ପୁଣି କାନ ପାଖକୁ
ବୋଧେ ଏଇଠି ଜୀବନ...!
ହଁ... ହଁ ତ ଏଇଠି କୋଉଠି ସେ
ହେଇ ଶୁଭୁଛି ତା' ସ୍ୱର ନଦୀ ମଝିରୁ
ମୁଁ ଯିବିରେ ଧନ ମୁଁ ଯିବି
ମୋ' ଜୀବନ ମିଳିଛି...ପାହୁଲେ ପାଣି
ମୋ' ଜୀବନ ଏଇଠି...ଅଣ୍ଟେ ପାଣି
ମୁଁ ଜୀବନକୁ ପାଇଛି... ବାସ୍
ଖୋଜାଖୋଜି ଖୋଳତାଡ଼ ଶେଷ
ଦୁଇଟି ଜୀବନ ଏକାକାର ଏବେ
ସେଇ ନଦୀ ଗର୍ଭରେ...

ବାଲେଶ୍ୱର

# ଜୀବନ

ଅନିତା ପଣ୍ଡା

ଜୀବନ...!
ଏକ ପ୍ରହେଳିକା
ସଭିଙ୍କ ଅନ୍ତରେ
ରହିଥାଏ ଏଠି
ଆଶାର କୁହେଳିକା
କିଛି ଜଣା, କିଛି ଅଜଣା
କିଛି ସତ,କିଛି ମିଛ
ମାୟାରେ ଚାଲେ
ଏ ଜୀବନ ...।

ଜୀବନ...!
ଏକ ଦୀପଶିଖା
ମାଟିର ପ୍ରଦୀପରେ
ଜଳୁଥାଏ ଏଠି
ଆଶାର ଅଗ୍ନିଶିଖା
କିଛି ଆଲୋକ, କିଛି ଅନ୍ଧାର
କିଛି ଛବି, କିଛି ଛାୟା
ଦେଖାରେ ଚାଲେ
ଏ ଜୀବନ... ।

ଜୀବନ..!
ଏକ ମରୀଚିକା
ଦୁଃଖର ମରୁଭୂମିରେ
ଖୋଜାପଡ଼େ ଏଠି
ସୁଖର ବୟନିକା
କିଛି ସୁଖ, କିଛି ଦୁଃଖ
କିଛି ହସ, କିଛି କାନ୍ଦ
ଆଶାରେ ଚାଲେ
ଏ ଜୀବନ......।

ଜୀବନ...!
ଏକ ଯବନିକା
ମଞ୍ଚସ୍ଥ ନାଟକରେ
ଅଭିନୟ ଏଠି
ପୂର୍ବର ସ୍ମୃତି ଏକା
କିଛି ପାପ, କିଛି ପୁଣ୍ୟର
କିଛି ଦୟା, କିଛି ମାୟା
ହିସାବରେ ଚାଲେ
ଏ ଜୀବନ.... ।

ଭୁବନେଶ୍ୱର

# ଜୀବନ

## ଶୈଳେନ୍ଦ୍ର ନାରାୟଣ ବେହେରା



ଅନ୍ଧ ଛେଳିଛୁଆଟା ରାବୁଥିଲା
କରୁଣ କଣ୍ଠରେ,
ବର୍ଷା ବିପ୍ୱାତର କରାଳତାକୁ
ଡରି କରି ;
ମାଆ ଲୋ! ମୋତେ ଟିକେ ଆଶ୍ରା ଦେ,
ଭୟ ଲାଗୁଛି ମୋତେ,
କୁଆଡେ ଗଲୁ ଏଇ ଭୟଙ୍କର ରାତିରେ
ଖୋଜି ପାଇପାରୁନି ଯେ ତୋତେ!

କେତେ ଭଲ ପାଉଥିଲୁ ମୋତେ
ନିଜେ ନ ଖାଇ ଅରଖ ଡାଳକୁ
ମୋ' ପାଟିରେ ଦେଉଥିଲୁ ଆଗେ,
କୁଆଡ଼େ ଗଲା ସେ ସରାଗ
ଏକା ଛାଡ଼ିଗଲୁ ମୋତେ।

ଦୁନିଆକୁ ଦେଖିନି ମୁଁ କେବେ
ଦେଖିନାହିଁ ତା'ର ରଙ୍ଗୀନ ଆବେଷ୍ଟନୀକୁ ।
ତୁ' ତ ମୋର ଆଖି ଥିଲୁ
ତୋ' ଆଖିରେ ମୁଁ ଅନୁଭବ କରୁଥିଲି
ଏଇ ବିଚିତ୍ର ଦୁନିଆକୁ।

ମାଆ ଲୋ, କୁଆଡ଼େ ଗଲୁ ଯେ ସତେ?
ତୋ' ଉଷୁମ କୋଳକୁ ଝୁରୁଛି ମୁହିଁ ତ
ଜଲଦି ଫେରିଆ..ଆ..ଆ....
ଡର ଯେ ଲାଗଇ ମୋତେ।

ଭୁବନେଶ୍ୱର

(କହିବା ବାହୁଲ୍ୟ ମାଆ ଛେଳିଟି ସେତେବେଳେ କେତେକ ମାଂସାସୀ ମଣିଷଙ୍କ ଉଦର ଭିତରେ ହଜମ ହେଉଥିଲା।)

# ସମୟ ରେ! ଟିକେ ରହି ଯା'

ସୁମିତା ବେହେରା ବାପି



ସମୟରେ ଟିକେ ରହି ଯା'
ଫେରାଇ ନେ ମୋତେ, ପଛକୁ ପଛକୁ
ଯେଉଁଠି, ଧୂଳି ଖେଳ ସାଥୀ ମୋ'ର
ଫେରାପଥ ଅନେଇ ବସିଛି;
ସଢ଼େଇରେ ଭାତ ଡାଲି ପରଷି ଚାହିଁଛି'
ଜୀବନର ମାନେ କ'ଣ ତା'ଠାରୁ ତ ଶିଖିଛି..

ସମୟରେ ଟିକେ ରହି ଯା'
ଫେରାଇ ନେ ମୋତେ ପଛକୁ ପଛକୁ,
ଯେଉଁଠି ପ୍ରୀତିଫୁଲ ମୋର,
ପ୍ରତୀକ୍ଷାର ଦିନ ଯେ ଗଣୁଛି;
ଦେଖିନିଏ ଚୋରାଚାହାଣିରେ ଥରେ
ମନ ମାରି ବିଚାରୀ ଝାଉଁଳି ଶୋଇଛି
ଜୀବନର ମାନେ କ'ଣ ତା' ଠା'ରୁ ତ ଶିଖିଛି...

ସମୟରେ ଟିକେ ରହି ଯା'
ଫେରାଇ ନେ ମୋତେ ପଛକୁ ପଛକୁ
ଲାଗୁନି ଭଲ କିଛି, ସବୁ ଏଠି ମାୟା ମରୀଚିକା
ଦେଖିଯା' ତ ଥରେ! ପଡ଼ି ଉଠି କେମିତି ଧାଇଁଛି ?
ଏତେ ଓ ଏମିତି ଆଜି କ୍ଷତାକ୍ତ ଓ ରକ୍ତାକ୍ତ ମୁଁ,
ଜୀବନର ମାନେ କ'ଣ, ଜୀବନଠୁ ତ ଶିଖୁଛି।

ଭୁବନେଶ୍ୱର

ଆତ୍ମ କବିତା

# ମୁଦା ଗମ୍ଭୀରା

ରୀତା ପଟ୍ଟନାୟକ

ହେ ଜୀବନ !!!
ତୁମକୁ ମାଗୁଛି ସମୟର କେତୋଟି ମୁହୂର୍ତ୍ତ --
ମନଭରି ଜିଇଁବାକୁ କେତୋଟି ବସନ୍ତ ।
ତୁମେ ଆଜି କିଛି ସତ ,କିଛି ମିଛ ସ୍ୱପ୍ନ --
କେମିତି କେମିତି ଅଚିହ୍ନା ଅଚିହ୍ନା ଆବେଗହୀନ,
ତୁମ ପ୍ରତିରୂପ ଆଜି ଚେତନା ଶୂନ୍ୟ ।
ଆଖି ପତା ଓଦା ଓଦା ---ମନ ତଳେ କୋହ ଗଦା --
ଅଧା ଲିଭା ଅକ୍ଷରରେ ---ଅଧା ଚିରା କାଗଜରେ --
ତୁମକୁ ଲେଖୁଛି ଚିଠି ମନଦେଇ ପଢିନେବ ଥରେ ।
କାଳେ କେବେ ହଜିଯିବ ଚିଠି --
ସମୟର ଅଙ୍କାବଙ୍କା ରାସ୍ତାରେ,
ଭାରି ଡ଼ର ଲାଗେ ---କାଳେ ଲିଭିଯିବ --
ବିଶ୍ୱାସର ପଦଚିହ୍ନ ସାଗରର ଢେଉରେ --
ସତେ କଣ ନିରୁଦ୍ଦିଷ୍ଟ ତୁମେ --
କେଉଁ ଅପହଞ୍ଚ ଇଲାକାରେ,
ଅବା ଆଦରିଛ ଆତ୍ମନିର୍ବାସନ --
କେଉଁ ଅନ୍ଧାରି ମୁଲକରେ ।

ଆଜି କବଳିତ ସାରା ସତ୍ତା --
ସମୟର ଅକ୍ଟୋପସ୍ ପଞ୍ଝାରେ,
ସନ୍ଦିହାନ ଭବିଷ୍ୟତ --
ଖୋଜୁଛି ଜଉମୁଦା ବନ୍ଦ ଲଫାପାରେ ।
ଏଇ ଦେଖ ସହିଷ୍ଣୁ ରକ୍ତ ଆଜି ବରଫ ପାଲଟେ --
ଆଉ ତୁମ ପ୍ରତିରୂପ --ପଥର ଟେକାର ମୂର୍ତ୍ତିଟେ ।
ମୁଦା ଗମ୍ଭୀରାରେ ନୀରବତାର ରାଜୁତି --
ନିଛାଟିଆ ପଣର ଅଦଉତି --
ସହୁଛି ମୁଁ ନୀରବେ ମଥାପାତି ।
ଦୃଶ୍ୟ, ଅଦୃଶ୍ୟ ସ୍ଥିତିରେ --
ବାକ୍ ଶୂନ୍ୟ ଆଜି ମୋ କବିତାର ପଂକ୍ତି --
ଲୋଚା କୋଚା କାଗଜ ଫର୍ଦ୍ଦରେ --
ଲେଖନୀ ମୋ ମଉନାବତୀ ।
ଏଇ କିଛି ଦିନ ହେଲା କାରଣ ଖୋଜୁଛି ???
ଛୋଟ ମୋଟ ଭୁଲର ଦସ୍ତାବିଜ୍ ଖୋଲି --
ନିଜକୁ ସଜାଡୁଛି ।
ଦୁଃଖରେ ମନ ନାହିଁ, ସୁଖରେ ମନ ନାହିଁ --
ଅବସାଦ,ଅବଶୋଷ ସ୍ୱାହା କରି ଦେଇଛି ।

ଭୁବନେଶ୍ୱର

# କବିର ଜୀବନ

**ସୁପ୍ତି କର**



ଜୀବନର ଚଉହଦୀ ପରେ ତେଲ ଲୁଣ ସଂସାରର
ଅଙ୍କାବଙ୍କା ହସକାନ୍ଦ ଗୋଲକ ଧନ୍ଦାରେ
ଶ୍ରାନ୍ତ କ୍ଲାନ୍ତ ବିକ୍ଷିପ୍ତ ତା' ମନ
କ୍ଷଣେକ୍ଷଣେ ପ୍ରତିକ୍ଷଣେ ମୂର୍ଚ୍ଛନାରେ
ଗୁଞ୍ଜରିତ ଚେତନାର ବଂଶୀସ୍ୱନ

(କବି)ସୃଜନର ବୀଜବୁଣେ ଖୋଜିବସେ ଶବ୍ଦବର୍ଣ୍ଣ
ମଳିଛିଆ କମିଜର ପକେଟ ଭିତରେ
ଧର୍ମପତ୍ନୀ ରଙ୍ଗଛଡ଼ା ପଣତ କାନିରେ
ମା'ର ସେନେହ ବୋଳା ପରଶ ଭିତରେ
ବାପାଙ୍କ କ୍ରୋଧିତ ଚକ୍ଷୁ, କୁନିପୁଅ ଦରୋଟି ହସରେ

କବିର ଜୀବନ
ପ୍ରେୟସୀର ଆଖିମିଟିକାରେ
ତା' ଅଧରର ମୁଚୁକୁନ୍ଦି ମଧୁର ହସରେ
ସୂର୍ଯ୍ୟ ଚନ୍ଦ୍ର ତାରକାର ସ୍ୱର୍ଣ୍ଣିମ ଆଭାରେ
ନୀଳନଭ ଧୂସରିଆ ଦିଗନ୍ତରେ

କବିର ଜୀବନ
ଶୁଷ୍କପୁଷ୍କରିଣୀ ସମ ଅହରହ ପ୍ରତିକ୍ଷିତ
ଆହ୍ଲାଦିତ ମୌସୁମୀର ଗର୍ଜନାରେ
ଶୀତ ବା ବସନ୍ତରେ, ଫଗୁଣର ମହକରେ

କବିର ଜୀବନ
ଅପେକ୍ଷାରେ ବିତିଯାଏ
ବର୍ଷା ଆଉ ବସନ୍ତର ପ୍ରେମର ଫଲ୍ଗୁରେ

(ତଥାପି)ନିଜେ ମରି ଛିଞ୍ଚୁଥାଏ ଅମୃତର ବାରି
ପ୍ରତିଟି ନିଃଶ୍ୱାସେ ଭରୁଥାଏ ରଙ୍ଗର ପସରା
ଦୁନିଆର କାନଭାସ୍ ପରେ

କବିର ଜୀବନ
(କେବେ କେବେ)ଅର୍ଥ ପାଇଁ ବଳିପଡ଼େ ସ୍ୱାର୍ଥ ତା'ର
ମିଥ୍ୟା ରୂପୀ ଅହଂର କଣ୍ଟାଝଣ୍ଟା ବନ୍ଧୁର ରାସ୍ତାରେ
ଝୁଣ୍ଟି ପଡ଼ି କ୍ଷତାକ୍ତ ସେ ହୁଏ

(ହେଲେ)କାବ୍ୟ ତା'ର
ଗୁଞ୍ଜରି ଯେ ଥାଏ ଭୂମିଠାରୁ ଭୂମା ପରିଯନ୍ତେ
ପୁଷ୍ପେପୁଷ୍ପେ ବନେବନେ ଯୋଡ଼ି ବସେ ଶବ୍ଦ ସହ ଶବ୍ଦ
ସତ୍ୟ ଧର୍ମ ଅହିଂସାର
ଅନ୍ଧାରରୁ ଆଲୋକର ପଥ ସେ ଦେଖାଏ

କବିର ଜୀବନ
ଉପରକୁ ଥୁଣ୍ଟା ବରଗଛ(ହେଲେ)
ମୁଠାଇ ଧରେ ସେ ତା'ର ଜୀବନୀ ଶକ୍ତିକୁ
ଚେରେଇ ଯାଏ ସେ ଗହୀର ମାଟିରେ
ମୃତ୍ୟୁକୁ ସେ ପରାଜିତ କରେ

କବି ସେଯେ
ଆଖିଠାର ମାରି କୁହେ ଚିତ୍ରଗୁପ୍ତ ପଞ୍ଜିକାରେ
(ଆରେ)ଅନ୍ତ କାହିଁ କବି ଜୀବନରେ
ସେ ଯେ ଅଜର ଅମର ତାର କାବ୍ୟକବିତାରେ।

ଜେ.ଏନ ଲେନ, ରାଉରକେଲା

# ଜୀବନର ଉପନ୍ୟାସ

ଗାୟତ୍ରୀ ବେହୁରା



ଏ ବି ଏକ ଉପନ୍ୟାସ,
ନୁହେଁ ତ ଆଉ କ'ଣ ?
କେତେ ସୁଖ ଦୁଃଖ,
କେତେ ହସ କାନ୍ଦ,
ଉତ୍ଥାନ, ପତନ,
ବାସ୍ତବ ଆଉ ସ୍ୱପ୍ନ,
ସୁନୀଳ ଆକାଶ,
ଜ୍ୟୋତ୍ସ୍ନା ଭିଜା ରାତି,
ତାରାଫୁଲର ଅଗଣା,
ରଜନୀଗନ୍ଧାର ବାସ୍ନା,
ଶିଶିର ସ୍ନାତା ରଜନୀ ,
ନୀଳାଭ ଉର୍ମିମାଳା,
ଘନ କୃଷ୍ଣ ମେଘମାଳା,
ମେଘମଲ୍ଲାରର ଶବ୍ଦ,
ନୀଳାଞ୍ଜନାର ନୃତ୍ୟ,
ସବୁଜ ବନାନୀ,
ଗ୍ରାମ୍ୟ ପରିବେଶ,
ଅଙ୍କାବଙ୍କା ନଦୀର ଧାର,
ନୀର୍ଝରିଣୀର ନିନାଦିତ ସ୍ୱର,
ପଳାଶର ବିଳାପ,
କଦମ୍ବର ମାଦକତା,
କୃଷ୍ଣଚୂଡ଼ାର ବିବସତା,
କାଗଜ ଫୁଲର କୋହ,
ଗୋଲାପର ଖିଲିଖିଲି ହସ,
ବାଇଚଢ଼େଇର କଳାଚାତୁରୀ,
ଧାନ କ୍ଷେତରେ ଧାନ ଫୁଲର ବାସ୍ନା,
ବାଳଭାନୁଙ୍କ ଆଗମନ,
ପିକର ସୁମଧୁର ରାଗିଣୀ,
ମୟୂରର ନୃତ୍ୟ କଳା,
ତନ୍ଦ୍ରାର ସମ୍ମୋହନ,
ମଳୟର ପ୍ରୀତି ସ୍ପର୍ଶ,
ଶିଶୁର ହସ,
କୈଶୋରର ଚପଳତା,
ଯୌବନର ଉଦ୍ଦାମତା,
ବନ୍ଧୁତ୍ୱର ଅନ୍ତରଙ୍ଗତା,
ବାର୍ଦ୍ଧକ୍ୟର ବିବଶତା,
ମୃତ୍ୟୁର ସତ୍ୟତା,
ସବୁରି ଭିତରେ
ନିଜକୁ ଖୋଜି ପାଇବା ତ
ଜୀବନର ଉପନ୍ୟାସ ।

କଟକ



# ପ୍ରିୟା, ମୋର !

ବିନୟ ମିଶ୍ର

ଜୀବନର ପଟ୍ଟଚିତ୍ରେ
ରଙ୍ଗତୂଳୀ ଧରି
ପ୍ରିୟା ମୋର ଆଙ୍କୁଛି ,
ଭରୁଛି ରଙ୍ଗ ଏ ଜୀବନେ....
ସଜାଉଛି ପ୍ରତିଟି ଡାଳ
ପ୍ରେମର ରଙ୍ଗରେ
ହଜାଉଛି ମନ ମୋ'ର
ତା' ହସର ରଙ୍ଗୀନ ମୁରୁଜରେ...
କିନ୍ତୁ, ବେଳେବେଳେ
ଛିଞ୍ଚିଦିଏ ରଙ୍ଗ ମାନ ଅଭିମାନର
ମୋର ଏ ଧୂସର ଜୀବନେ......
ତା' ରଙ୍ଗରେ ରଙ୍ଗେଇ
ଯାଉଛି ମୁଁ, ଦିନ ପ୍ରତିଦିନ
ହଜାଇଛି ନିଜକୁ ମୁଁ ତା' ପଣତରେ...
କାହିଁକି କେଜାଣି ସିଏ
ଜାଣି ଅଜଣା ହୁଏ
ହରିନିଏ ସବୁରଙ୍ଗ
ଅଜାଣତେ, ଗୋପନରେ...
ବଡ଼ ଅଝଟି, ମୋ ପ୍ରିୟା
ବୁଝି ମଧ୍ୟ ହୁଏ ସେ ଅବୁଝା
ତା' ରଙ୍ଗର, ପସରା ଖାଲି କରିଦିଏ...
କି କହିବି ଅଭିମାନୀକୁ
ତା' ବିନା ଯେ ରଙ୍ଗହୀନ
ଏ ଜୀବନ ମୋର
ପ୍ରିୟା ମୋର!
ପୁଣିଥରେ ଭରିଦିଅ ରଙ୍ଗ ଜୀବନରେ........।

# ଜୀବନ

ସୁନୀଲ ନାୟକ



ଜୀବନଟା ଏକ ଅଙ୍କା ବଙ୍କା ନଈ
ଯେଣେ ଇଚ୍ଛା ଯାଏ ବହି,
ନିଜ କର୍ମପଥେ ନିଜେ ଆଗୁଁସାର
ପଛକୁ ସେ ଚାହେଁ ନାହିଁ ।୧।

ଜୀବନଟା ଏକ ବୁଢ଼ିଆଣୀ ଜାଲ
ଦୁଃଖର ଅଡୁଆ ସୂତା,
ଛନ୍ଦି ହୋଇଯାଏ ସେ ମାୟା ଜାଲରେ
କେବେ ମିଠା କେବେ ପିତା ।୨।

ଜୀବନଟା ଏକ କୁହୁକ ଫୁଲଟେ
ଫୁଟେ ମାୟା ବଗିଚାରେ
କେବେ ଫୁଟି ପୁଣି କେବେ ଝଡିଯାଏ
ମିଶିଯାଏ ଏ ମାଟିରେ ।୩।

ଜୀବନଟା ଏକ ଏମିତିକା ବାଟ
ଚାଲିବାକୁ ଲାଗେ କଷ୍ଟ
ମାପି ଚୁପି ଯେବେ ଆଗକୁ ବଢ଼ିବ
ବାଟ ହୋଇଯିବ ଛୋଟ ।୪।

ଜୀବନଟା ଏକ ସାଗର ମନ୍ଥନ
କେବେ ସୁଖ କେବେ ଦୁଃଖ,
କେବେ ପୁଣି ଲାଗେ ହଳାହଳ ବିଷ
କେବେ ସେ ମିଠା ଅମୃତ ।୫।

ଅସ୍ତରଙ୍ଗ, ପୁରୀ

# ଜୀବନ ଅମୃତଦାନ

ଭାରତୀ ଭୂଷଣ ଦାସ

ଏମିତି ଜୀବନ......କେମିତି ହେଲା
ପରଖିବା ପାଇଁ ମନ ଚାହିଁଲେ ବି
ସମୟ ଇଙ୍ଗିତେ କରୁଛି ମନା।
ବୁଝିବାକୁ ଭାଷା ଜୀବନେ ସହସା
ଆଶା ଭରିଯାଏ ହୃଦେ
ଜୀବନ ଏକ କାହାଣୀ କି ବନ୍ଧୁ
ବୁଝିବା କି ପରମାଦେ ?
ନେପଥ୍ୟ ନାୟକ ଜୀବନରେ ସିନା
ବୁଝିଛି ମୁଁ ପଣତରେ
ଲଭିଛି ସାନ୍ନିଧ ମମତାର ସିକ୍ତେ
ଅନୁରକ୍ତ ଭାବନାରେ ।
ଚପଳ ଛନ୍ଦରେ ଛନ୍ଦିତ ଜୀବନ
ବନ୍ଧାଥିଲା ସେ ପଣତେ
ମମତା ଚନ୍ଦନେ ଲେପ ଭରିଦେଇ
ଜୀବନର ଆଦ୍ୟ ଗନ୍ଧେ ।
ନଥିଲା ବିକାର ଏକୁଡି ଶାଳରେ
ଜୀବନକୁ ବାଜି ମାରି
ଏଇ ଜୀବନଟା ଦୁର୍ବିସହ ଏବେ
ପଛକୁ ଚାହୁଁଛି ଫେରି ।

କୋକୁଆ ଭୟଟା ଏବେ ବି ଜାଗୁଛି
ଦେଖିନାହିଁ ସେହି ବେଶ
ଗୁଞ୍ଜରିତ ହୁଏ ମନ ବନାନୀରେ
ଜୀବନ କି ହେବ ଶେଷ ?
ଶେଷ ଜୀବନଟା ସାଉଁଟିବା ପାଇଁ
ମନରେ ମୋ' ଦ୍ୱିଧା ନାହିଁ
ପ୍ରକୃତି କୋଳରେ ପ୍ରକୃତି ମେଳରେ
ଜୀବନକୁ ବାଜି ଯହିଁ ।
ଏମିତି ଜୀବନ କେମିତି ହେଲା
ଆଉ ପଚାରିବି ନାହିଁ
ପରଖିବା ପାଇଁ ମନ ଚାହୁଁଥିଲେ
ସମୟକୁ ଭାବିବଇଁ ।
ତୁମେ ତ ସମୟ ଅଟ ବଳୀୟାନ
ଜୀବନର ମୂଲ୍ୟାୟନ
ଏ ଜୀବନେ ଭଟ୍ଟା ସୃଷ୍ଟି କରନା ହେ
ଏ ଜୀବନ ଅମୃତଦାନ।

ପିପିଲି ମହାବିଦ୍ୟାଳୟ, ପିପିଲି, ପୁରୀ

# ଜୀବନ

## ବସନ୍ତ କୁମାର ବେହେରା

ଜୀବନଟା ଏକ ନୁହେଁ ଫମ୍ପା ଶବ୍ଦ
ନୁହେଁ  କେବଳ ଯେ ସ୍ୱପ୍ନ
ମରଣ ପାଇଁକି ଆସିନି ଜୀବନ
ନୁହଁଇ ସେ ଅର୍ଥ ଶୂନ୍ଯ  ।
ମହାପୁରୁଷଙ୍କ ମହାନ ଆଦର୍ଶେ
ପାଦେ ଚାଲିବାକୁ ଅଛି
କର୍ମ କରିଚାଲ ରଖି ଦୃଷ୍ଟି ଦୂରେ
ଦେଖିବ ଫଳ ଫଳିଛି  ।
କଣ୍ଟକମୟ ଏ ଜୀବନ ଯାତ୍ରାଟା
କାହାକୁ ଅଜଣା ଅଛି
ସୁରୁଜ ନଇଁଲେ  ସଂଜ ଯେ ଆସିବ
ଯାହା ଦଇବ ବିହିଛି ।
ଭାଗ୍ଯକୁ ଆଦରି ଜୀବନ ତରୀଟି
ବାହିବା କରମ କାତେ
ହାତେ ମାପି ସଦା ଚାଖଣ୍ଡେ ଚାଲିବା
ଈଶ୍ୱର ଚିନ୍ତି ଆରତେ  ।
ଅବ୍ଯକ୍ତ ବେଦନା କେତେ ଯେ ରହିଛି
ହୃଦ ମଧ୍ଯେ ରଖି ଚାପି
ଚାଲିବାକୁ ହେବ ପଥ ବହୁଦୂର
ଅନେକ ଅଛି ଯେ ବାକି  ।

ସାହାପୁର, ପୀରହାଟ ବଜାର, ଭଦ୍ରକ



# ଜୀବନ

**କାହ୍ନୁ ଚରଣ ମିଶ୍ର**

ବିଚିତ୍ର  ଏହି ଦୁନିଆ ରେ
ଜୀବନ ହିଁ ଦିଏ ଯନ୍ତ୍ରଣା
ଅନ୍ତଃସ୍ୱରର ଉତ୍ତରରେ
ପ୍ରତିଧ୍ୱନିର ପ୍ରତାରଣା ।
କପଟର କୁହେଳିକାରେ
ବିଶ୍ୱାସ ଆଜି ପ୍ରହେଳିକା
ପରିବେଶର କୋଳାହଳେ
ମାନବିକତା ଆଜି ଏକା ।
ମୋହାନ୍ଧ ଏ ମନୁଷ୍ୟ ଆଜି
ସଜ୍ଜିତ କରେ ଶରୀରକୁ
ଇର୍ଷା, ଦ୍ୱେଷ, ଛଳନା ଭରି
କୁତ୍ସିତ କରେ ହୃଦୟକୁ ।
ବିସ୍ମରି ଯାଇଛି ଆଜି ସେ
ତା'ର ସମସ୍ତ ମୂଲ୍ୟବୋଧ
ଅପାଙ୍ଗ ମାନସିକତାରେ
ଜୀବନ ହିଁ ଆଜି ଦୁର୍ବୋଧ ।
ପଥ ପ୍ରଦର୍ଶକ ପ୍ରଭୁ ହେ
କର ଆସି ମାର୍ଗ ଦର୍ଶନ
ତୁମ୍ଭର ଆଶୀର୍ବାଦ ହେଉ
ଜୀବନର ନବୀକରଣ ।

ଟାଙ୍ଗି, ଖୋର୍ଦ୍ଧା



# ଜୀବନ

**ଜ୍ୟୋତିପ୍ରଭା ପଟ୍ଟନାୟକ**

ଜନ୍ମ ମୃତ୍ୟୁ ଦୁଇ ଧାରେ
ଜୀବନ ମଝିରେ
ଅଭିନେତା ସାଜି ଆମେ
ଅଭିନୟ କରେ
ଜୀବନଟା କାହାପାଇଁ
ବୈଶାଖର ଧୂ ଧୂ ଖରା
କାହାପାଇଁ ଏ ଜୀବନ ଅଶ୍ରୁସିକ୍ତ
ଶ୍ରାବଣର ବାରିଧାରା
ଜୀବନରେ କିଏ କେତେ ହରାଇଛି
ପାଇଛି ବା କେତେ
ବେଳନାହିଁ କାହାରି ପାଖରେ
ହିସାବ ନିକାଶ କରିବାକୁ ସତେ
ବ୍ୟସ୍ତ ବିବ୍ରତ ଏ ଜୀବନେ
କେତେ ଝଡ଼ ଝଞ୍ଜା
ସକାଳରୁ ସଞ୍ଜ ଯାଏଁ
ପାଠପଢ଼ ଗାଡିଚଢ଼ ରୋଜଗାର ଖଞ୍ଜା
କେବେ ଏ ଜୀବନ ଲାଗେ
କାକର ଭିଜା ଜ୍ୟୋସ୍ନାରାତି
କେବେ ଏ ଜୀବନ ଉଦ୍ୟାନରେ
ସରଗର ପାରିଜାତ ମୋତି
ଜୀବନରେ କେବେ ପୁଣି
ମାଘମାସ ହାଡ଼ଭଙ୍ଗା ଶୀତ
ଉଠାଣି ଗଡ଼ାଣି ଦିଏ ସବୁଜ ସଙ୍କେତ
କେବେ ଗାଏ ପ୍ରେମର ସଙ୍ଗୀତ
କେବେ ବେଳାଭୂମିରେ
ବଡୀଖୁଣ୍ଟ ସେତ
କେବେ ଲାଗେ ଜୀବନଟା
ଶାମୁକାର ମୋତି
କେବେ ହସ କେବେ ଲୁହ
କେବେ ଏ ଜୀବନ
ଫଗୁଣର ମଧୁଝରା ରାତି
କେବେ ତ ବସନ୍ତ ରାସ
କେବେ ତ ରଙ୍ଗୋଲି
ମଧୁର ମଧୁର ଲାଗେ ସାତରଙ୍ଗ ବୋଳି
ଏଇ ତ ଜୀବନ
ବାଲ୍ୟ, କୈଶୋର, ଯୌବନ
ପୁଣି ବୟସର ଅପରାହ୍ନ
ଜୀବନର ମୂଲ୍ୟ ବା କଣ?
କିଛି ଦେଖ ଚୁପ ରୁହ
କିଛି ଶୁଣ ,ନ ଶୁଣିବାର ଅଭିନୟ କର
ଜୀବନ ନାଟକର ସୁଦକ୍ଷ ନାୟକ
କେବେ ହାସ୍ୟାଭିନେତା
କେବେ ଖଳନାୟକ
କାଠକଣ୍ଢେଇ ପରି ନାଚିବାକୁ ପଡ଼େ
ଅନ୍ୟର ଇଶାରାରେ
ହିଂସା, ଦ୍ୱେଷ, ଲୋଭ, ମୋହ,
ମାୟା ଛଡ଼ା
ଅଛି କଣ ଏ ଜୀବନରେ
ସମ୍ପର୍କଟା ଲାଗେ ଖାଲି ନକଲି ନକଲି
ବତିଶ ଦାନ୍ତ ଦେଖାଇ
ହସୁ ବି ନକଲି
ଜୀବନକୁ ସମ୍ପୂର୍ଣ୍ଣ ଉପଭୋଗ
କରିବା ଆଗରୁ
ଜୀବନରେ ଘୋଟି ଆସେ ସଞ୍ଜ
କିଟିମିଟି ଅନ୍ଧାରରେ ଶୁଭୁଥାଏ
ରାମନାମ ସତ୍ୟର ଶବଦ
ତେବେ ଏଇ ତ ଜୀବନ
ଯାହା ଚିର ସତ୍ୟ ସନାତନ

# ଜୀବନ

ବିଦ୍ୟାଧର ଖଟୁଆ

ଜୀବନ ଏକ ଉଷ୍ଣ ମରୁଭୂମି
ତାତି ସହିବାକୁ ପଡେ
ଦିନ ଓ ରାତିର ଲୁଚକାଳି ଖେଳେ
କେବେ କମେ କେବେ ବଢେ ।
ଜୀବନ  ଏକ ବିସ୍ତୀର୍ଣ୍ଣ  ସାଗର
ଲହରୀକୁ ସାମ୍ନା କରେ
ଆସୁ ଯେତେ ଝଡ ତା ବୁକୁ ଭିତରେ
ଜିତୁଜିତୁ କେବେ ହାରେ ।
ଜୀବନ ଏକ ଅବୁଝା ଶ୍ରାବଣ
ଅହରହ ବାରି ଝରେ
ସୁଖ ଓ ଦୁଃଖର ଦୋଛକିରେ ପୁଣି
ଲୁହ ଶୁଖି ହସ ଫେରେ ।

ସହକାରୀ ଶିକ୍ଷକ,
ବି.କେ. ବିଦ୍ୟାପୀଠ, ବାଙ୍କୀ, କଟକ

# ଏହି ତ ଜୀବନ

**ଶତ୍ରୁଜିତ୍ ଦାସ**

ଜୀବନଟା ଏକ ଅଙ୍କାବଙ୍କା ନଈ
ବହୁଛି ଆଗକୁ ପଛକୁ ନ ଚାହିଁ।
ବଣା ବାଟୋଇ ଏ ସାହାରା ମରୁରେ
ଧାଇଁ ବୁଲୁଛି ମୁଁ ଜଳ ଟିକେ ପାଇଁ ।୧।
ପଛରେ ରହିଲା କ'ଣ ସବୁ କେତେ
କିଏ କିଛି ନେବ ଅବା ଦେବ ମୋତେ
ଜୀବନ ଯୁଦ୍ଧରେ କ୍ଷତାକ୍ତ ଶରୀରେ
ସେ ହିସାବ ଆଉ କରିବି କିମ୍ପାଇଁ ।୨।
ପିଲାଦିନ ଖେଳ କେତେ ସାଙ୍ଗମେଳ
ଅପାଶୋରା ପୁଣି ତାରୁଣ୍ୟର ବେଳ
କଅଁଳ ମନର / ଫୁଲାଣିଆ ସରାଗ ସୋହାଗ
ଥରେ ଥରେ ଉଙ୍କିମାରେ ଚାହିଁ ।୩।
ଯାଇଛି ଯୌବନ ହଜିଛି ସପନ
ଫେରି ଆସିବ କି ଆଉ ସେ ଜୀବନ।
ହାରିବା ଜିତିବା ଅଙ୍କ କଷୁ କଷୁ
ଭାଜ୍ୟ ସହ ଏହା ଛିଣ୍ଡୁନାହିଁ ।୪।
କେତେ ବନ୍ଧୁ କେତେ ପ୍ରିୟ ପରିଜନ
ପିତାମାତା ପୁଣି ଆତ୍ମୀୟ ସ୍ୱଜନ।
କାଳ ପାରାବାରେ ହୋଇଛନ୍ତି ଲୀନ
ଝୁରିବି ତାହେଲେ କାହା ପାଇଁ ? ।୫।
ସେନେହ ଆଦର ବାଣ୍ଟି ବାଣ୍ଟି ଖାଲି
ନିଃସ୍ୱ ମୁଁ ଆଜି ରିକ୍ତ ମୋ' ଥଳି
ହେ ଚିର ସୁନ୍ଦର ପ୍ରାଣ ପ୍ରିୟ ରାମ
ତୋଳି ନିଅ ବାରେ ତୁମ ଠାଇଁ ।୬।

**ଅବସରପ୍ରାପ୍ତ ପ୍ରାଧ୍ୟାପକ, ଇତିହାସ ବିଭାଗ**

# ଜୀବନର ପରିଭାଷା

**ନର୍ମଦା ପଣ୍ଡା**

ରେ ଜୀବନ!
କେବେ ତୁ' କଳ କଳ ନାଦିନୀ ବନ୍ୟ ଝରଣା
ତ ଆଉ କେବେ ଶୁଷ୍କ ମରୁ
ପୁଣି କେବେ ପୁଷ୍ପଭରା ପାଦପ
ତ ଆଉ କେବେ ନିଦାଘ ପ୍ରପୀଡ଼ିତ ତରୁ (୧)

ରେ ଜୀବନ!
ତତେ ହିଁ ଜଣା ତୋ'ର ନୀତି
ମନୁଷ୍ୟ ତ ଅସହାୟ ସାମାନ୍ୟ ଜୀବ
ବୋଧହୁଏ ଈଶ୍ୱରଙ୍କୁ ଜଣା,
କେଉଁଠୁ କେଉଁ ଯାଏଁ ତୋର ଗତି (୨)

ରେ ଜୀବନ!
ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ
ସରେନାହିଁ ହିସାବ ନିକାଶ
ଭାଗ୍ୟ ନା କର୍ମଫଳ,
କର୍ମଫଳ ଏଇ ଜନ୍ମର ନା ପ୍ରାରବ୍ଧ
ଅନ୍ୟ କେଉଁ ଜନ୍ମର
ଭାବୁ ଭାବୁ ସବୁ କିଛିର ଶେଷ (୩)

ରେ ଜୀବନ!
ତଥାପି ବି ବଞ୍ଚିବାକୁ ହୁଏ
କେବେ ଲୁହ ଝରାଇ ତ କେବେ ଆଖିଲୁହ ଓଠେ ପିଇ,
କେବେ ପୁଣି ଓଠରେ ହସ ଫୁଟାଇ,
ଦୁଃଖ ଭିତରେ ସୁଖ ଖୋଜି ଖୋଜି
ସବୁ କିଛି ମନ ତଳେ ଲୁଚାଇ (୪)

**ରାଧାକାନ୍ତପୁର, ବେଗୁନିଆ, ଖୋର୍ଦ୍ଧା**

# ଜୀବନ

**ବୀଣାପାଣି ଦେବୀ**

ଜୀବନ, ଏମିତି ଏକ ଉପାଦାନ
ଯାହା ଅଟେ ଈଶ୍ବରଙ୍କ ଦାନ
ଅଦୃଶ୍ଯ, ଆତ୍ମା ପରମାତ୍ମାଙ୍କ ସଂଯୋଗରେ
ଅନନ୍ତ ସୃଷ୍ଟି ଅଟଇ ଜୀବନ
ସିଏ ପୁଣି,
ପୁରୁଷ କିମ୍ବା ସ୍ତ୍ରୀ ଭାବରେ
ଏ ଧରା ବୁକୁରେ କରେ ଅବସ୍ଥାନ
ନାମ ହୀନ ସଞ୍ଜ୍ଞା ହୀନ ଚିରନ୍ତନ
ଗତି ତା'ର ପବନ ସମାନ
ଭୂମି ପରେ ଅମୃତର ସୃଷ୍ଟି
କାମାଗ୍ନିରୁ ଜାତ ପୁଣି
ଶେଷ ତା ଶ୍ମସାନ
ପ୍ରାଣ ସତ୍ତା,
ନାହିଁ ରୂପ ରେଖ
ସୃଷ୍ଟି ଧାରେ କୀଟରୁ ପତଙ୍ଗ
ବିହଙ୍ଗମ ଅବା ସେତ ବାନର ମାନବ
ପ୍ରାନ୍ତରୁ ପ୍ରାନ୍ତରେ
ସଚରାଚର ସୃଷ୍ଟି ରେ
ପିଣ୍ଡ ବ୍ରହ୍ମାଣ୍ଡର ଅପୂର୍ବ ନିଦର୍ଶନ
ପୁଲକିତ କୋଟି ମନ ପ୍ରାଣ
ଅମୃତକୁ କରେ ଆସ୍ୱାଦନ ।

ବାଣପୁର, ଖୋର୍ଦ୍ଧା

# ଏଇତ ଜୀବନ

ପଦ୍ମନାଭ ପାଣିଗ୍ରାହୀ



ଜୀବନ ବଡ଼ ବ୍ୟାପକ
ଏଠି ଅନେକ ସଂଘର୍ଷ
ହାରିବା ଭିତରେ କିଛି ପାଇବାର ଆଶା
ତିଆରି କରିବାକୁ ହେବ ଏକ ପରିଚୟ
ଏଠି ସ୍ୱପ୍ନ ଦେଖିବା ମନା
ବ୍ୟର୍ଥ ଭାବନା, ଅର୍ଥହୀନ ଦିବା ସ୍ୱପ୍ନ, ନିଷ୍ଫଳ ଚିନ୍ତା
ସଫଳତାର ପ୍ରକୃତ ସ୍ୱାଦ ଅନୁଭବ କରିହୁଏନା
ଏଇତ ଜୀବନ
କର୍ତ୍ତବ୍ୟ ସରଣୀରେ ଚାଲିବାକୁ ହୁଏ
ବିବେକ ମନକୁ ଏକ କରି
କେତେ କଣ୍ଟା, କେତେ ଆଘାତ,
କେତେ ପୀଡ଼ା ଆସନ୍ତି
ଦୁଷ୍ଟ ଗ୍ରହର ପୀଡ଼ା ନେଇ
ଜୀବନକୁ ନର୍କରେ
ପରିଣତ କରିବାର କିଛି ମାନେନାହିଁ
ନିଜ ପରିଚୟ ଖୋଜୁଥିବା ମଣିଷମାନଙ୍କ କବଳରେ
ସଢିଥିବା ଜୀବନ ଭିତରୁ
ଏ ଜୀବନ ଅନ୍ୟତମ
ଏଇତ ଜୀବନ
ହସ କାନ୍ଦ ଦୁଃଖ ଯନ୍ତ୍ରଣା ଦ୍ୱେଷ ବିଦ୍ୱେଷ
ତଥା ଛାଇ ଆଲୁଅର ସମାହାର
ଅନ୍ଧାର ଆଲୁଅର ଲୁଚକାଳି ଖେଳ ଭିତରେ
ସୁଖର ଠିକଣା ଖୋଜୁଛି ମଣିଷ
ମନକୁ ଅଶାନ୍ତି ଝୁଣି ଝୁଣି ଖାଇଲାବେଳେ
ଆଖିରୁ ନିଦ କେଉଁ ଅଜଣା ଇଲାକାକୁ ଚାଲିଯାଉଛି
ଏଇତ ଜୀବନ
ସଂସାର ବୋଝ ବୋହି ବୋହି
କୁର୍ମ ପାଲଟିଯାଉଛି ବିଚରା ମଣିଷ
ସମୟ ସ୍ରୋତ
କାହାକୁ ଅପେକ୍ଷା କରେ ନାହିଁ
ମଣିଷ ଛାର ଶୁଖିଲା ପତ୍ର
ପାଦେ ପାଦେ
ମୃତ୍ୟୁ ଆଡ଼କୁ ଆଗେଇ ଚାଲିଛି
ମହାକାଳ ହସୁଛି
ତଥାପି ପ୍ରତିପତି, ଅର୍ଥ, କ୍ଷମତାର ଆସକ୍ତି
ଆଦର୍ଶ, ବିଶ୍ୱାସ, ଦେଶପ୍ରେମ,
ସ୍ନେହ, ସଦଭାବନା ବଳି ପଡୁଛି
ଦୁଷ୍କର୍ମ, ନାରୀହତ୍ୟା, ନାରକୀୟତାକୁ
ଅତିକ୍ରମୀ ଚାଲିଛି ଆଗକୁ
ବହୁତ ଆଗକୁ
ଏଇତ ଜୀବନ
ରକ୍ତ, ମାଂସ, ଅସ୍ଥି, ମଜ୍ଜାରେ
ଗଢା ଏ ଶରୀର
ସବୁ ମିଥ୍ୟା
ଦିବ୍ୟ ଭାବାପନ୍ନ ମାନବିକ ଗୁଣାବଳୀର ସମନ୍ୱୟ
ଅନ୍ତର୍ଚେତନାରେ ଜନସମୁଦାୟପ୍ରତି
ସଶ୍ରଦ୍ଧ, ଅଙ୍ଗୀକାରବଦ୍ଧ
ଅନନ୍ତ କୋଟିସତ୍ତାର ହେବ
ବ୍ରହ୍ମ ଉପଲବ୍ଧ
ଏଇତ ଜୀବନ

ବନମାଳୀ କଲୋନୀ, ଜଟଣୀ, ଖୋର୍ଦ୍ଧା

# ଜୀବନ (ରାଗ-ବିଭାସ କେଦାର)



**ସୁରେଶ ଚନ୍ଦ୍ର ରଥ**

ଜୀବନ ଜଞ୍ଜାଳ ଅତି ହିଁ ବିଷମ
ଭୋଗୁଛନ୍ତି ପ୍ରାଣୀ ଜଗତ ନିୟମ ।୧।
ସୁଖ ଦୁଃଖ ଦୁଇ ଜୀବନର ସଖୀ
ଆସିଥାନ୍ତି କୋଳେ ଅନ୍ୟକୁ ଉପେକ୍ଷି ।୨।
ଜୀବନ ଜିବିକା ଦୁଇ ସହଚର
ସ୍ନେହ ଶ୍ରଦ୍ଧା ଭାବ ଥାଏ ନିରନ୍ତର ।୩।
କର୍ମ ଅନୁସାରେ ପ୍ରାପ୍ତ କରେ ଯଶ
ଜୀବନ ସୁଲଭ ହୁଏ ହସହସ ।୪।
ଦୁଃଖ ପଦାର୍ପଣେ ଜୀବନ ବିରସ
ନିନ୍ଦା ଅପମାନେ ହୁଅଇ ବିବସ ।୫।
କ୍ଷଣିକ ଜୀବନ ରସ ରଙ୍ଗେ ଭରା
ଆନନ୍ଦ ଉଲ୍ଲାସ ପ୍ରସାରେ ପସରା ।୬।
ସର୍ବଶ୍ରେଷ୍ଠ ଏହି ମନୁଷ୍ୟ ଜୀବନ
ପାପ କର୍ମ କଲେ ହେବ ଅକାରଣ ।୭।
ପରହିତେ କର ଉତ୍ସର୍ଗ ଜୀବନ
ଲଭିବ ନିଶ୍ଚୟ ବୈକୁଣ୍ଠ ରେ ସ୍ଥାନ। ।୮।
ଜୀବନ ନର୍କରୁ ଉଦ୍ଧରିବା ପାଇଁ
ଏକମାତ୍ର ସାହା ଜଗତ ଗୋସାଇଁ ।୯।
ମନୁଷ୍ୟ ଜୀବନ ଜଗନ୍ନାଥ ଦାନ
ଚରଣ କମଳେ ସଦା ରହୁ ମନ ।୧୦।

ଜଟଣୀ, ଖୋର୍ଦ୍ଧା

# ସଂଜୀବନୀ

ଆରତୀ ପ୍ରହରାଜ



ଜୀବନଟା ଝୁଙ୍କିଝୁଙ୍କି ଆସେ ଝରା ପତ୍ର ପରି
ଗୋଟେଇ ଗାଟେଇ ଟାଣି ଆଣେ
ଦୁଃଖ ସବୁ ମରମ ତଳକୁ
ସେଇ ତ ନିରାପଦ ଜାଗାଟିଏ
ବେଦନାକୁ ରଖେ ସେ ଆଦରି
ଚିନ୍ତା ସବୁ ହୋଇ ଯାଏ ରୂପାନ୍ତରିତ
କ୍ଷତଚିର ରୂପ ନିଏ
ଝାଉଁଳି ଯାଏ ଅବୁଝା ମନ
ବିବେକର ଦଂଶନରେ
ଜୀବନ ଆଉ ଲାଗେନା ଆଗପରି
ଚଉଦିଗ ଲାଗେ ଖାଲି ଫିକା ଫିକା
ବିଷାଦିତ ମନ ଭରିଯାଏ ତିକ୍ତତାରେ
ସବୁଜ ଶୈଶବ ଅପସରି ଯାଏ
ପାଦ ଥାପେ ଯାଯାବର ଯୌବନରେ
ହାତଧରି କଢ଼ାଇ ନିଏ
ବ୍ୟତିବ୍ୟସ୍ତ ବାର୍ଦ୍ଧକ୍ୟକୁ
ଧୀରେ ଧୀରେ ସନ୍ତର୍ପଣରେ
ଅଜଣା ଭୟ ଆବୋରଇ ତନୁମନ
ତେଲ ସରି ସରି ଯାଏ
ଦୀପ ଲିଭିଆସେ
ଆନ୍ଦୋଳିତ ଏ ହୃଦୟ ବନ
କେତେ ପାଇ କେତେ ମୁଁ ହାରିଛି
ଭାଷା ନାହିଁ କହିବାକୁ କା'ରେ
ଆଇନାରେ ପ୍ରତିବିମ୍ବ ସମ
ସବୁକିଛି ଝଲସାଏ ଖାଲି କଳ୍ପନାରେ
ସରିଗଲେ ସରିଯାଉ
ଲିଭିଗଲେ ଲିଭିଯାଉ
ସିଦ୍ଧାନ୍ତରେ ଉପନୀତ ଆଜି ଏ ଜୀବନ
ସ୍ନେହଭରା ଆଞ୍ଜୁଳାଏ ଭଲପାଇବା
ଏହାହିଁ ତ ପ୍ରକୃତ ପ୍ରତିଦାନ
ଆଉ ଏ ତ ସ୍ୱର୍ଗୀୟ ଅବଦାନ
କ୍ଷଣକରେ ଖୁସିର ଫଲ୍ଗୁ
ଖେଳିଗଲା ପ୍ରତି ଧମନୀରେ
ଅବଶୋଷ ନାହିଁ ଜମା
ଜିଇଥିବି ଖୁସିରେ ଖୁସିରେ
ଜିଇଥିବି ଖୁସିରେ ଖୁସିରେ ।

ଭୁବନେଶ୍ୱର

# ପ୍ରୀତି ଶିକୁଳି

**ବିରଜା ତ୍ରିପାଠୀ**

ଅତୀତ କଥା ଦୋହରାଇଲେ
ମନେ ପଡ଼ଇ ମୋର
କେତେ ଆଗ୍ରହେ ଗଢୁଥିଲି ମୁଁ
ସୁନ୍ଦର ବାଲିଘର

ଅନୁଭୂତି କି ସ୍ମୃତି ସ୍ମୃତି ସେଥିରେ
ନଥିଲା ତିଳେ କିଛି
ଜୁଆର ଆସି ବାଲିଘରକୁ
ନିଅଇ ନିତି ପୋଛି

ପୁଣି ଯେବେ ମୁଁ କରଇ ସୃଷ୍ଟି
ନୂତନ ବାଲିଘର
ଆଶାୟୀ ସାଜି ଗଢ଼ିବା ଗଢ଼
ସେ କରେ ଛାରଖାର

ଭାବିଲି ଏହା ନିରାଶ ପଥ
ଖାଲି କଳ୍ପନାକାର
ଏପରି ଏକ ତୋଳିବି ଯାହା
ହୋଇବ ନିର୍ବିକାର

ସାଉଁଟି ଦିନେ ସାଥୀର ହାତେ
ହାତକୁ ଦେଲି ଛନ୍ଦି
ପ୍ରୀତି ଶିକୁଳି ସୁଦୃଢ଼ କଲି
ଜନ୍ମ ଜନ୍ମକୁ ବାନ୍ଧି

ସମୟ ମୋତେ ଆହ୍ୱାନ କରି
ବିଭିନ୍ନ ରୂପ ଦେଲା
କନ୍ୟାରୁ ଜାୟା ଜନନୀ ରୂପେ
ମୋ' ନାମ ବଦଳିଲା

ସ୍ନେହ ମମତା ଫଲଗୁ ଧାରା
ପ୍ରତୀକ ସମ ଆଜି
ଦୁଃଖକୁ କାଟେ ସୁଖକୁ ବାଣ୍ଟେ
ଜୀବନ ରଖି ବାଜି

ହସ ଖୁସିରେ ପରସ୍ପରକୁ
ମିଳଇ ଯେଉଁ ଶୀଳ
ସପରିବାର ସରଗପୁର
ଲାଗଇ ଅବିକଳ

ଅବଳା କେବେ ନୁହେଁ ଦୁର୍ବଳା
କଥାଟି ଅଟେ ସତ
ଏ ବାକ୍ୟ ଯିଏ କରିଛି ତାଙ୍କୁ
କରଇ ପ୍ରଣୀପାତ !

**ଟିକାବାଲି , କନ୍ଧମାଳ**

# ଜୀବନ ଏକ ଭିନ୍ନ ପ୍ରତିଜ୍ଞା

ସୁଜାତା ମହାରଣା

କା' ପାଇଁ ଜୀବନ ସଂଘର୍ଷର ନାମ
କା' ପାଇଁ ମହୁଆ ଗୀତି
କା' ପାଇଁ ଜୀବନ ମେଘ ମଉସୁମୀ
କା' ପାଇଁ ଝାଞ୍ଜିର ତାତି [୧]

କା' ପାଇଁ ଜୀବନ ଭୀଷ୍ମ ପ୍ରତିଜ୍ଞା
କା' ପାଇଁ ତ୍ୟାଗର ସୁଖ
କା' ପାଇଁ ଧର୍ମର ଲକ୍ଷ୍ମଣ ରେଖା
କା' ପାଇଁ କୃତ୍ରିମ ସ୍ନେହ [୨]

କା' ପାଇଁ ଜୀବନ ମାୟାର ବନ୍ଧନ
ସଂସାର ଖୁସିର ଢେଉ
କା' ପାଇଁ ସଂସାରି ହୋଇବି ଜୀବନ
ଅଛୁଆଁ ଅଚଖା ମହୁ [୩]

କା' ପାଇଁ ଜୀବନ ଲୁହର ତର୍ପଣ
କା' ପାଇଁ ସେବାର ମନ୍ତ୍ର
କା' ପାଇଁ ଜୀବନ ଲହୁ ବନ୍ଧନ
କା' ପାଇଁ ଭାବର ତନ୍ତ୍ର [୪]

କା' ପାଇଁ ଜୀବନ କର୍ତ୍ତବ୍ୟ କର୍ମ
କୁରୁକ୍ଷେତ୍ରର ଆହ୍ୱାନ
କା' ପାଇଁ ଜୀବନ ପଳାୟନପନ୍ଥୀ
ନାହିଁ ତା'ର ସମ୍ମାନ [୫]

କା' ପାଇଁ ଜୀବନ ସତ୍ୟ ସାଧନା
ରାଜା ରକ୍ଷୀ ହୋଇଯାଏ
କା' ପାଇଁ ଶୋଣିତ ସ୍ୱେଦର ବିନ୍ଦୁ
ସତୀତ୍ୱର ଗାଥା ଗାଏ [୬]

କା' ପାଇଁ ଜୀବନ ଦରଦୀ ପରାଣ
ସେବାରେ ଆନନ୍ଦ ଲଭେ
କା' ପାଇଁ ଜୀବନ ଇନ୍ଦ୍ରପଦ ପାଇ
ତୋଷ ହୁଏ ନାହିଁ ଲବେ [୭]

ଜନ୍ମ ମୃତ୍ୟୁର ଶିକୁଳୀରେ ବନ୍ଧା
ଜୀବନର ଜୟ ଯାତ୍ରା
ଜଗତ କଲ୍ୟାଣ ଧର୍ମଧାରଣ
ଜୀବନର ଦୃପ୍ତ ଗାଥା [୮]



# ବାସ୍ତବ ଜୀବନ

**କାଳିପ୍ରସାଦ ମହାପାତ୍ର**

ବାସ୍ତବ ଜୀବନ ପ୍ରକୃତ ଜୀବନ
ନଥାଏ ଟିକିଏ ଛନ୍ଦ
ବାସ୍ତବ ଜୀବନେ ସପନ ନଥାଏ
ନଝରଇ ମକରନ୍ଦ ।।

ଜନମ ବାସ୍ତବ ମରଣ ବାସ୍ତବ
ଆଉ ସବୁ ଅବାନ୍ତର
ଜାଣିଶୁଣି କିଛି କରି ହୁଏନାହିଁ
ସବୁଥାଏ ଅଗୋଚର। ।

ପିଲାଟି ଦିନରୁ ମରିବା ପର୍ଯ୍ୟନ୍ତ
କହ ଏକ  ସତକଥା
କହନ୍ତି ସମସ୍ତେ ସବୁ ମିଛ ମିଛ
କେଉଁଟି ଯେ ମିଛକଥା ।।

ଆଖି ଦେଖେ ଯାହା କାନ ଶୁଣେ ତାହା
ଏହି କି ବାସ୍ତବ ଅଟେ
ପର ମୁହୂର୍ତ୍ତରେ ଓଲଟପାଲଟ
ଅ'ଘଟଣରେ ଘଟେ ।।

ରହିଥାଏ କନା କର୍ପୁର ନଥାଏ
ସମ୍ପର୍କ ଦ୍ୟନ୍ତି ଉଡ଼େଇ
ସର୍ବେ ଚାଲିଛନ୍ତି କାଳର ପଥରେ
ସଂପର୍କ ରଜ୍ଜୁ  ଛିଡ଼େଇ ।।

**ଶିକ୍ଷକ**
**ବନ୍ଧୁଗାଁ, କୋରାପୁଟ**



# ଜୀବନ

**ବାସନ୍ତୀ ଦେଇ**

ଜୀବନ ଅଟଇ ଲମ୍ବା ଚଲାପଥ
ଥକିଯିବା ନାହିଁ କେବେ ହେଲେ,
ସତ୍ୟ, ନ୍ୟାୟ, ଧର୍ମ ପଥ ଆଶ୍ରା କରି
ବଢ଼ିବା ଆଗକୁ ଜୀବନରେ ।୧।

ଜୀବନ ଜଞ୍ଜାଳ ମାୟା ଘୋରବନ
ପାରି ହେବା ଆମେ ଅକ୍ଳେଶରେ,
ପ୍ରଭୁନାମ ଗୋଟି ହୃଦୟେ ଧାୟିଲେ
ଆଲୋକ ଶିଖା ସେ ଅନ୍ଧକାରେ ।୨।

ହୁଡିବନି ପଥ ମାଡିବନି କଣ୍ଟା
ବିତିବ ଜୀବନ ଆନନ୍ଦରେ,
ସାହସ ଶକତି ଶାନ୍ତି ସଦଗତି
ପ୍ରାପତ ହୋଇବ ଜୀବନରେ ।୩।

ଦୃଢ ବିଶ୍ବାସ ଓ ଆତ୍ମବଳ ସହ
କର୍ତ୍ତବ୍ୟ କରିବା ଆନନ୍ଦରେ,
ହାରିବା ଜିତିବା ଜୀବନର ଖେଳ
କର୍ମ ଫଳ ହାତ ପାହାନ୍ତାରେ ।୪।

ସମ୍ପଦେ ବିପଦେ ଧୈର୍ଯ୍ୟ ଆମ ବଳ
ଦୁର୍ବଳ ନ ହେବା ହୃଦୟରେ,
ନିଷ୍ଠା ଓ ଉଦ୍ୟମ ରହିଲେ ସର୍ବଦା
ହାରିବାନି କେବେ ଜୀବନରେ ।୫।

ଖୋର୍ଦ୍ଧା

# ଜୀବନ

ନଳିନୀ ପ୍ରଭା ମିଶ୍ର

ଜୀବନଟି ନୁହେଁ ଫଗୁଣ ବସନ୍ତ
ଜୀବନଟି ନୁହେଁ ତୁଳୀତଳ୍ପ
ଅବାଞ୍ଛିତ ପଥେ ମୃତ୍ୟୁର ଡାକ
ଆୟୂଷ ଯାହାର ନୁହେଁ କଳ୍ପ।
ଜୀବନଟି ନୁହେଁ ଚିର ସୁଖମୟ
କେବେ କଣ୍ଟକିତ କେବେ ଫୁଲ
କେବେ ଆକାଶଟା ଥାଏ ମେଘାଛନ୍ନ
କେବେ ଜହ୍ନ ରାତି ଝଲମଲ।
ଜୀବନଟି ନୁହେଁ କେବଳ ଯେ ସ୍ୱପ୍ନ
ସମ୍ଭାବନାର ସୂତ୍ର ଧର
କେବେ ହୁଏ ସିଏ ଭ୍ରାନ୍ତ ମରୀଚିକା
ଉତ୍ତପ୍ତ ମରୁରେ ହାହାକାର।
ଜୀବନ ଟି ନୁହେଁ କେବଳ ଯେ
ଏକ ମନ କଦମ୍ବର ବଂଶୀ ସ୍ୱନ
ଜୀବନଟି ନୁହେଁ ଅଭିସାର ଲାଗି
ନିଛାଟିଆ ଏକ ଝାଉଁ ବଣ।

ଜୀବନଟି ଏକ ନାଟକର କ୍ଷେତ୍ର
କ୍ରନ୍ଦନ ନେପଥ୍ୟେ ହସୁଥାଇ
ଶୀତ ପତ୍ର ଝଡ଼ା ଥୁଣ୍ଟା ବରଗଛ
ଶେଷ ନିଃଶ୍ୱାସର ମାରେ ହାଇ।
ଜୀବନଟି ଏକ ଭସା ବାଦଲଟେ
ଶୂନ୍ୟ ଶୂନ୍ୟରେ ଘୁରି ବୁଲେ
କେବେ ଝରିଯାଏ ଲୁହ ଧାର ହୋଇ
ମାଟି ହୋଇଯାଏ ମାଟି ତୁଲେ।
ଜୀବନଟି ନୁହେଁ ନିଜ ସ୍ୱାର୍ଥ ପାଇଁ
ଅମର ଦଧିଚି ଅସ୍ଥି ଦାନ
ଜୀବନଟି ଏକ ଆଦର୍ଶର କ୍ଷେତ୍ର
ପ୍ରଶଂସା ଭରା ସନମାନ।
ଜୀବନଟି ଏକ ସଂଖ୍ୟାର ପ୍ରତୀକ
ଶୂନରୁ ଶୂନରେ ଯାଇ ମିଶେ
ଆସିବା ଓ ଯିବା ସେଇ ଏକ ସଂଖ୍ୟା
ଜନମ ମରଣ ସତ୍ୟ ପାଶେ।

ମୁକୁନ୍ଦପୁର, ଆସ୍କା, ଗଞ୍ଜାମ

# ଜୀବନ



**ଅଞ୍ଜଳି ଦାସ**

ଜୀବନ ଏଠି ଯନ୍ତ୍ରଣାମୟ
କେତେ ଝଡ଼ଝଞ୍ଜାର ଉପହାର
ମଣିଷ ବଂଚିନି ଏଠି ନିଜ ପାଇଁ ଆପଣା ସ୍ୱାର୍ଥରେ
ଅଳିକ ଏ ଜୀବନର ସ୍ୱପ୍ନ ଆଗମନ
ପର ପାଇଁ ବୁହାଇଲେ
ଲୋତକ ଝରଣା
କାହା ମୁଖେ ଫୁଟାଇଲେ ହସର କୁସୁମ
ଏ ଜୀବନ ଧନ୍ୟ ହୁଏ
ହୋଇଯାଏ ମାନବ ମହାନ
ଜୀବନ....!!
ଜାଣେ ନାହିଁ ଭୁଲ୍ ଠିକ୍ ପଥ କି ଅପଥ
ବିରାଟ ଏ ପୃଥିବୀରେ ସ୍ଥିତି ମୋର
କେତେ ଯେ ଅଳିକ
ପାଇଲେ ପରଷ କା'ର ଦିବ୍ୟ ଆଶୀର୍ବାଦ
ଜୀବନ ହୋଇବ ତୃପ୍ତି ସୁଖଦ
ବଞ୍ଚିବାର ପଥେ ପୁଣି
ଶିକ୍ଷା ମିଳୁ ମୋତେ
ଅମୃତର ସନ୍ଧାନରେ ଘେନିଯାଅ
ହେ ପ୍ରଭୁ ତୁରିତେ..... ||

**ଅସ୍ତରଙ୍ଗ, ପୁରୀ**

# ଜୀବନ

**ଛବିରାଣୀ ପତି**



ଜୀବନ ସତେ ଏକ ଦୁର୍ଲଭ ସ୍ୱାକ୍ଷର
ଅମୃତ ଉନ୍ମାଦନା ଅନୁଭବର ଆଧାର
ଅସରନ୍ତି ସୁଖଦ ସ୍ୱପ୍ନରେ ମରୁ ଇସ୍ତାହାର
ଜ୍ଞାନ ମଞ୍ଜରୀରେ ଅଜ୍ଞାନ ଧୂଳିର ସମ୍ଭାର
ପ୍ରଗତି ପଥେ ଚରୈବତିର ସମୃଦ୍ଧି ସଂସ୍କାର
ଅନୁରାଗ ବିରାଗ ତୀରେ ସତେ ମାଟି ମନସ୍କାର ।

ଅବର୍ଣ୍ଣନୀୟ ଜୀବନର ରୂପ ମାଧୁରିମା
କେବେ ଉଦୟ ତ ଅସ୍ତରାଗ ଲାଲିମା
ଦିବସ ଶୋଭାର କେବେ ସାୟନ୍ତନୀ ସୁଷମା
ସ୍ୱର୍ଣ୍ଣାଭ ଗୋଧୂଳି ଲଗ୍ନେ ବାହୁଡ଼ା ବିହଙ୍ଗମା
ଶୃଙ୍ଖଳା ଭାଙ୍ଗେ ଭାବନାରେ ଭୂମି ଠାରୁ ଭୂମା
ପଲ୍ଲୀ ବଧୂ ମଧୁମତୀ ବି ହୁଏ ରାଜଜେମା ।

ବଡ଼ ବିଚିତ୍ର ସତେ ଏ ଜୀବନ ସୁଆଙ୍ଗ
ଶୂନ୍ୟ ହୃଦୟରୁ ବି ଫୁଟିଉଠେ ଆବେଗ
ଉକୁଟେ କୂଳ ଲଙ୍ଘିବାର ନାନା ଭାବାବେଗ
ବିମୋହିତ କରିଦିଏ ତୃଷାର୍ତ୍ତକୁ ଯୋଗ
ଭ୍ରମିତ ମରୀଚିକାର ଅନାବନା ଦୁର୍ଯୋଗ
ଓ ନିଜକୁ ଅକ୍ଲେଶେ ସଜାଇ ଦିଏ ଅଭାଗ ।

ଏ ଜୀବନ ନୀରବ ଲଗ୍ନରେ ବୁହାଏ ଲୁହ
ଭାବରେ ତଲ୍ଲୀନ ତନ୍ମୟ ମନର ମୋହ
ନିଃସର୍ତ୍ତ ବି ସ୍ୱାର୍ଥରେ ଉଲ୍ଲସାଏ ଦେହ
ଆନମନା ଅତୃପ୍ତ କହେ ଆଉ ଟିକେ ରୁହ
ଅନୁଚିନ୍ତା ଚେତନାରେ ଦେଖି ଶେଷେ ମୁହଁ
ଅନୁତାପ ଅବସୋସେ ଭରୁଥାଏ କୋହ ।

ଜୀବନ ତଥାପି ଯୋଗାଡେ ନୂଆ ସମ୍ଭାବନା
ସତଘାତେ ଆଣେ କାମନାର ସୁନ୍ଦର ଭାବନା
ନୂଆ ନୂଆ ଆଶା ଆଉ ନୂଆ ଉଦ୍ଦୀପନା
ନିଖିଳଧିଶ୍ୱରେ ଅଧୀରେ ବାନ୍ଧିବାକୁ ବାନା
ଦାନା ବାନ୍ଧେ ଏଇ ଆମ ଖିଆଲି ଚଞ୍ଚଳା ମନା
ନବ୍ୟ ଆସି ଯିବାଯାଏ କରେ କଳ୍ପନା ଜଳ୍ପନା ।

ଜଗତସିଂହପୁର



# ଜୀବନ

**ଶୋଭାଗିନୀ ନନ୍ଦ**

ଜୀବନର ମାନେ ନୁହେଁ ଯନ୍ତ୍ରଣା
ଜୀବନ ଏକ
ମୁକ୍ତ ଆକାଶର ବିହଙ୍ଗମ ସମ,
ଦୋଳାୟମାନ ଫୁଲର ଝୁଲଣା ।

ଜୀବନେ ଆସିଥାଏ
ଝଡ଼ଝଞ୍ଜା ଘାତ ପ୍ରତିଘାତ
କେତେ ଯେ ଅକୁହା କଥା
ବ୍ୟଥା ବିଧୁର ବେଦନା ।

ତଥାପି ଜୀବନ ନୁହେଁ ଯନ୍ତ୍ରଣା
ଜୀବନ ଏକ
ସତେଜ ଗୋଲାପର
ମଧୁଶଯ୍ୟାର ନୀଳ ନୟନା ।

ମଣିଷ ଜୀବନେ ପାଏ
କେତେ ଅସୁମାରୀ ଆନନ୍ଦର ପୁଲକ
ପ୍ରେମ ପ୍ରୀତି ଭରା ମଧୁର ସମ୍ପର୍କ
ଏକ ଆରେକ ପାଇଁ ବଞ୍ଚି ଥାଏ
ହୋଇ କାଉଁରୀ କୁହୁକ
ମଧୁର ବନ୍ଧନରେ ବାନ୍ଧି ରଖେ
ସିଞ୍ଚି ପିୟୁଷର ପ୍ରୀତି ଶିହରଣ ପୁଲକ
ଆଣିଦିଏ ଜୀବନରେ ଜିଁଇବାର
ଏକ ରବି ରଶ୍ମିର ନୂତନ ଝଲକ
ଏଇତ ଜୀବନ ଆଗାମୀ ଦିନର
ଏକ ନବ ଦୀପଶିଖାର ଆଲୋକ ।

ଜୟପୁର, କୋରାପୁଟ

# ଜୀବନ ଓ କାଳ

**ଆରତୀ ମଞ୍ଜରୀ ଦାଶ**



ଜୀବନର ନଦୀ
ଦୁଇକୂଳ ଖାଇ
ଯାଏ ବହୁ ଦୂରେ ବହି,
ତେଜି ଗିରିଗୁହା
ଧାଏଁ ଅବିରତ
ଉତ୍ଥାନ ପତନ ସହି।
ସୁଖ ଅବା ଦୁଃଖ
ପାରେନା ତ ରୋକି
ଗତି ତା'ର ସାବଲୀଳ,
ଫେରେ ନାହିଁ ପଛେ
ଲକ୍ଷ୍ୟ ରଖି ଧାଏଁ
ସମୟ ସାଗର କୂଳ ।
କାଳର କରାଳ ଚକ
ଘୂରୁଥାଏ ଅହରହ
ହୁଏ ସେ ଉପର ତଳ,
ରାଜା, ରଙ୍କ,ଗୁଣୀ
ଅବା ନିର୍ଗୁଣ
କରନ୍ତି ଗଣନା ଯା'ର।
ଆପଣା ଛାଏଁ ସେ
ଗତି କରୁଥାଏ
ନ ଜାଣେ ଆପଣା ପର,
ସମ୍ମୁଖେ ପଡ଼ିଲେ
ଗ୍ରାସ କରିଥାଏ
ନ ଥାଏ କାହା ନିସ୍ତାର ।

ଗୁରୁଜଙ୍ଗ, ଖୋର୍ଦ୍ଧା

# ଜୀବନଟା ଅଭିଧାନ

ଡ଼ ଚପଳା ପଣ୍ଡା



ଜୀବନ କହୁଛି ବଞ୍ଚିବି ବଞ୍ଚିବି
ମରଣ ଡାକୁଛି ଆ',
ମାୟା ମୋହ ଧରି ବହୁତ ନାଚିଲୁ
ତାଧିନି ଧିନିକି ଥେୟା।
ପାପ ହେଉ ଅବା ପୁଣ୍ୟତାରେ ହେଉ
ଗଣ୍ଠିଲି ହେଲା ତୋ' ଭାରି,
ଦେଖିଚାହିଁ ଥରେ ଫେରି ଯିବୁ ଆ'
ବୟସ ଯାଉଛି ସରି।
କା' ପାଇଁ ଜୀବନ ଗୀତା ଭାଗବତ
କା' ପାଇଁକି ବୋଧିସତ୍ତ୍ୱ,
କା' ପାଇଁ ଜୀବନ ଆଶା ବୈତରଣୀ
କା' ପାଇଁକି ପଞ୍ଚାମୃତ।
କା' ପାଇଁ ଜୀବନ ଗଣିତର ସୂତ୍ର
ଯୋଗ ବିୟୋଗର ମନ୍ତ୍ର,
ଶେଷ ଭାଗଫଳ ଭଗ୍ନାଂଶ କାହାର
କାମନାର ପଞ୍ଚତନ୍ତ୍ର।
କା' ପାଇଁ ଜୀବନ ଜ୍ୟାମିତିକ ରେଖା
କେତେ କେତେ ଉପପାଦ୍ୟ,
ଜୀବନ କା' ପାଇଁ ସମାଜ ବିଜ୍ଞାନ
ବଞ୍ଚିବାକୁ ଖାଏ ଖାଦ୍ୟ।

କା' ପାଇଁ ଜୀବନ ଚିତ୍ରଲେଖ ପୁଣି
କା' ପାଇଁକି ଇତିହାସ,
ସ୍ମୃତି ଫୁଲ ପରି ହୃଦୟେ ସାଇତା
ଅତୀତ କାହାଣୀ ସ୍ପର୍ଶ।
ଦର୍ଶନ ଶାସ୍ତ୍ରରେ ଜୀବନ କାହାର
ତତ୍ତ୍ୱ ତଥ୍ୟ ଖୋଜି ବୁଲେ,
ସାହିତ୍ୟ ଭାଷାରେ ଜୀବନର ଛନ୍ଦ
ଝରିପଡ଼େ କବିତାରେ।
ଜୀବନକୁ ନେଇ କେତେ କେତେ ରଥୀ
କଲମରେ ହେଲେ ଆଙ୍କି,
ତଥାପି ମଣିଷ ଜୀବନ ଖୋଜୁଛି
ମୃତ୍ୟୁ ହସେ ମୁହଁ ଢାଙ୍କି।
ଯିଏ ଯାହା ଦେଉ ଜୀବନ ଟିପ୍ପଣୀ
ମୋର ମତ କିନ୍ତୁ ଭିନ୍ନ,
ଜୀବନ ଅଟଇ ସ୍ୱାଧୀକାର ଗ୍ରନ୍ଥ
ବାଙ୍-ମୟ ଅଭିଧାନ।
ଯେଉଁ ଉପାଦାନେ ଜୀବନ ଖୋଜିବୁ
ହୋଇଯିବ ବାଦିପାଲା,
କେତେ ମୂଲ୍ୟବାନ ଜୀବନର କଞ୍ଚି
ଜୀବନ୍ତ ହୃଦୟ ତାଲା।

ଖୋର୍ଦ୍ଧା

# ଜୀବନର ଗୀତି

**ସୁଜାତା ପଟ୍ଟନାୟକ**



ଜୀବନଟା ନୁହେଁ  ଖାଲି ତ ଆମୋଦ
ପ୍ରମୋଦର ନାଟ୍ୟଶାଳା
ନୁହେଁ  ପୁଣି ସୁରା ସାକି ମଧୁରାତ୍ରୀ
ବାରାଙ୍ଗନା ରଙ୍ଗଶାଳା ।
ଜୀବନର ପଥ ପରା ବନ୍ଧୁର
ପୁଣି କଣ୍ଟକରେ ପୂର୍ଣ୍ଣ
ଚାଲିଦେଖ ସେ ଦୁର୍ଗମ ପଥ ଯାହା
ଏବେ ହୋଇଛି ବିଦୀର୍ଣ୍ଣ।
କୁସୁମିତ ଏଇ  ଜୀବନର ପଥେ
ଯାତ୍ରା ଲାଗଇ ସହଜ
ସେ ପଥରେ ସ୍ୱପ୍ନ କେବେ ତ ସୁନୀଳ
ମନେ ମନେ ଟିକେ ହେଜ।
ମିଳନେ ବିଭୋର ନୋହିବ ଜୀବନେ
ବିଚ୍ଛେଦେ ନ ଯାଅ ଭାଙ୍ଗି
ନିଜ ଲକ୍ଷପଥେ ଆଗୁଁସାର ହୁଅ
ବନିଯାଅ କର୍ମଯୋଗୀ।
ଏମନ୍ତି ଶାଳରୁ ଶ୍ମଶାନର ଯାଏଁ
ଲେଖା ଜୀବନର ଗୀତି
ସୁଖେ ଦୁଃଖେ ବନ୍ଧୁ ପରିଜନେ ତୋଷି
ବାଣ୍ଟିବା ସଭିଙ୍କୁ ପ୍ରୀତି।

ଖୋର୍ଦ୍ଧା

# ଜୀବନ

ପୀତାମ୍ବର ଭୋଇ

ଜୀବନ ଅଟଇ ଅମୂଲ୍ଯ ସମ୍ପଦ
ନଜରରେ ତାକୁ ରଖ,
ଜୀବନଟା ଯେବେ ଖୁସିର ଉରୁଜା
ମନ ଖୋଲି ଜିଇଁ ଶିଖ ।
ମଣିଷ ଜୀବନ ନୁହେଁ ଚିରଦିନ
ସ୍ନେହ,ପ୍ରେମେ ବାନ୍ଧିରଖ,
ମହଲତ ତୋ'ର ସରି ଆସିଲାଣି
ବିଭୁ ପାଦେ ମନ ରଖ ।
ଜୀବନଟା କେବେ ସରସ ସୁନ୍ଦର
କେବେ ମରୁ ମରୀଚିକା,
ମରଣର ପଥେ ଧାଇଁଛି ଜୀବନ
ନାହିଁ ମନେ କା'ର ଦକା ।
କିଏ କାହା ମୂଲ ନେଉଛି ଚୋରାଇ
କିଏ ଯେ ଦେଉଛି ଧକ୍କା,
କିଏ ନିଜ କର୍ମ କରୁଛି ଯତନେ
କିଏ ସ୍ୱାର୍ଥପରେ ଲେଖା ।
ଯେତେ ଦିନ ଅଛେ ଏ ଭବ ସଂସାରେ
ନିଜକାମେ ମନ ଲଗା,
ବେଳ ସରିଗଲେ ବୁଡିଯିବ ଭେଲା
ଗାଆଁରେ ପଡିବ ଡକା ।
ଧନ,ଜନ,ମାନ ସଂଚିଲେ କି ହେବ
ମଲାପରେ କିବା ଦେଖା,
ଭଲ କାମ କଲେ ଯଶ ରହିଯିବ
ଇତିହାସେ ଥିବ ଲେଖା ।

ଭୁବନେଶ୍ୱର

# କିଛି କଥା, କିଛି ବ୍ୟଥା

ପୂର୍ଣ୍ଣ ଦାସ



ସମୁଦ୍ରର ଶୋଷ
ଲୁହ ଟୋପିକରେ ନେଇ,
ଭଲପାଇବା ମୋ'
ଦେଲି ତା' ଛାତିରେ ଥୋଇ ।

ନୀଳାକାଶେ ଚାହିଁ
ପାଦ ଗଣିଗଣି ଚାଲେ,
ଢେଉ ପୋଛିନିଏ
ବେଳା ପାଦଚିହ୍ନ ଭୁଲେ ।

ଦୂର ଝାଉଁବଣ
ଆକାଶେ ଶୁଣାଏ ଗୀତ,
ମ୍ଳାନ ଜୋଛନାରେ
ଜହ୍ନ ଖୋଜେ ମନମିତ ।

ପତ୍ରଝଡ଼ା ଗଛ
ନୀରବେ ରହିଚି ଚାହିଁ,
ଫୁଲ-ଫଗୁଣର
ଫୁଣ୍ଟେ ଶ୍ୟାମଳିମା ପାଇଁ ।

ଏଇତ ଜୀବନ
ମାଟି ଆକାଶର କଥା,
ସ୍ମୃତି ବିସ୍ମୃତିର
କିଛି କଥା, କିଛି ବ୍ୟଥା ।

କଣ୍ଡାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

# ଜୀବନ

ସେବତୀ ପରିଡା

ଏ ଜୀବନ ବନ୍ଧୁ
ମଳୟ ବୋଳାର
ସୁରଭିତ ଉପବନ,
ଏ ଜୀବନ ବନ୍ଧୁ
ତିକ୍ତ - ମଧୁର
ସଂଗ୍ରାମ ଅଭିଯାନ ।

ଏ ଜୀବନ ଏକ
ଶାନ୍ତ ବିଜନ
ସାଗରର ବେଳାଭୂଇଁ,
ଏ ଜୀବନ କେବେ
ପ୍ରାପ୍ତି ଆଶାର
ମରୀଚିକା, ମରୁଭୂଇଁ ।

ଏ ଜୀବନ କେବେ
ଚିର ନିର୍ମଳ
ଶରତର ପୂର୍ଣ୍ଣ ଇନ୍ଦୁ,
ଏ ଜୀବନ ପୁଣି
ସପନ କ୍ଷଣିକ
ଅଳିକର ମୋହ ବିନ୍ଦୁ ।

ଏ ଜୀବନ ଶ୍ୱେତ-
ଗୋଲାପ କଳିକା
ସେନେହର ସୁଧା ଝର,
ଏ ଜୀବନ ଝରେ
ଶେଫାଳୀ ପରିକା
ଭରିଦେଇ ଦୁଃଖଧାର ।

ଏ ଜୀବନ ଧାଏଁ
କୁଳୁକୁଳୁ ହୋଇ
ଝରଣାଟେ ପରି ବହି,
ଛଇଳ ଚପଳ
ସରସ ସୁନ୍ଦର
ଏ ଜୀବନ ଛନ୍ଦମୟୀ ।

ସ୍ନେହ ନିଳୟ,
ବୋଲଗଡ଼, ଖୋର୍ଦ୍ଧା

# ଏଇ ତ ଜୀବନ

**ରମେଶ ଚନ୍ଦ୍ର ମିଶ୍ର**



ଏଇ ତ ଜୀବନ ଦୁନିଆ ବୁକୁରେ
ମମତାର ନଈଟିଏ
କୁଳୁକୁଳୁ ତାନେ ବହିବହି ଯାଏ
ଜୀବନୁ ମରଣଯାଏ..........।। ୦ ।।

ଛଳଛଳ ତାର ଯାତ୍ରା ପଥରେ
ମିଳେନାହିଁ ସଦା କଅଁଳ ଘାସର ଶେଯ
କେବେ କେବେ ପୁଣି କଳା ମୁଗୁନିରେ
ପଡି ଉଠି ଧାଏଁ ଅସଜଡା ହୁଏ ସଜ
କେବେ ବନ୍ଧୁର କେବେ ସମତଳ
ସଭିଙ୍କ ପରାଣ ଛୁଏଁ .........।। ୧ ।।

ମମତାର ମଧୁ ଶୀତଳ ଛୁଆଁରେ
ଚଣ୍ଡାଶୋକର ପ୍ରାଣରେ ଚମକ ଲାଗେ
ଶାନ୍ତିର ଦୂତ ପାଲଟି ଯାଏ ସେ
ଜନତା ଦୁଆରେ ମମତାର ମୂଲ ମାଗେ,
ମମତା ବେଦିର ଦେବୀ ସିନା ମାଆ
ଅତି ଆପଣାର ହୁଏ .........।। ୨ ।।

ବାଟ କାଟିଦିଏ ଶିଳା ଶାଳ ଯେବେ
ଆଗରେ ତାହାର ବାଧା ଦେଇ ଉଭାହୁଏ
ଛାତିରେ ଛାତିଏ ବେଦନା ସାଉଁଟି
କଅଁଳ ଦରଦୀ ଦିଗେ ବଦଳାଇ ଦିଏ
ମମତା-ମଧୁରେ ଭିଜାଉ ଭିଜାଉ
ସାଗରେ ବିଲୀନ ହୁଏ ........।। ୩ ।।

ତାପସ କୁଟୀର, ବଇଣ୍ଡା, ଅନୁଗୋଳ

# ମାନବ ଜୀବନ

**ଅଜୟ କୁମାର ସେଠୀ**



ମାଟିର ଏ ଦେହ ମାଟିରେ ମିଶିବ
ମାଟି ନେବ ତାକୁ କୋଳେଇ
କାହିଁକି କେଜାଣି ଏ ମଣିଷ ଆଜି
ମିଛେ ଦେଖାଏ ବଡେଇ ।

ନଯିବେ କେହିଟି ସାଥିରେ କାହାର
ନିଜ ହେଉ ଅବା ପର
ମରିଗଲା ପରେ ସବୁ ସରି ଯାଏ
ଏ ପରା ମିଛ ସଂସାର ।

ବନ୍ଧନ ଖାଲିତ ମିଛ ସମ୍ପର୍କର
ସଂସାର ମାୟା ନଗରୀ
କାଳ ପୂରିଗଲେ ଖେଳ ସରିଯାଏ
ଉଡିଯାଏ ଆତ୍ମା ଶାରୀ ।

ଜିତ ହାର ଅଛି ବଞ୍ଚିବା ଭିତରେ
ସମୟ ତ ବଳବାନ
ଆଜି ଯିଏ ରାଜା କାଲି ସେ ଫକୀର
ସବୁ ନୁହେଁ ଟି ସମାନ ।

ବନ୍ଧା ଆମେ ସବୁ ସମୟ ଡୋରୀରେ
ଯାହା ପାଇଁ ଦିନରାତି
ସିଏ ପରା ଆମ ବିଶ୍ୱବିଧାତା
ସିଏ ସୁଖ, ଦୁଃଖ, ଶାନ୍ତି ।

ନର, ନାରାୟଣ ଯିଏ ଜନ୍ମ ନିଏ
ଏହି ମାଟିର କୋଳରେ
ମରଣ ତା ପାଇଁ ଧ୍ରୁବସତ୍ୟ ପରା
ଲେଖିଛି ବିହି ମଥାରେ ।

ମାନବ ଜୀବନ କ୍ଷଣିକ ସପନ
ଆଜି ଅଛି କାଲି ନାହିଁ
ନିଶ୍ୱାସକୁ ଏଠି ବିଶ୍ୱାସ ହୁଏନା
କାହାର ନୁହଁନ୍ତି କେହି ।

**ଆଞ୍ଜିରା, ଓଣ୍ଟାଣ, ପୁରୀ**

# ଖୋଜୁଛି ପରମ ସତ୍ୟ

ତ୍ରିଲୋଚନ ଦାସ



ଜୀବନକୁ ବେଶି
ଭଲ ପାଏ ବୋଲି
ଜୀବନର ଗୀତ ଗାଏ
ପ୍ରତିଟି ମୁହୂର୍ତ୍ତ
ମୋ' କପାଳ ଚୁମି
ଆଲିଙ୍ଗନ କରୁଥାଏ।୦।

ଦିବାଲୋକେ ଅବା
ରାତ୍ରି ଅନ୍ଧାରରେ
ଖୋଜୁଛି ପରମ ସତ୍ୟ
କେବେ ସିଏ ଦେବ
ନୀରବ ସ୍ପର୍ଶ
ଯା' ପାଇଁ ପ୍ରତୀକ୍ଷାରତ

ନିଃସଙ୍ଗ ଅସ୍ତିତ୍ୱ
ସେପାଖରେ ଡାକେ
ଅଚିହ୍ନା ସକାଳେ ହାଏ
ଜୀବନକୁ ବେଶି
ଭଲ ପାଏ ବୋଲି
ଜୀବନର ଗୀତ ଗାଏ।୧

ନିବିଡ଼ ବିଶ୍ୱାସେ
ହଳାହଳ ବିଷ
ପିଉଛି ଅମୃତ ଭାବି
ତଥାପି ଖୁସିରେ
ନିଜ ସାଥେ ହସେ
ଜୀବନକୁ ଅନୁଭବି

ଅଦୃଶ୍ୟ ଶକ୍ତିକୁ
ଅଙ୍ଗୀକାର କରି
ସ୍ୱପ୍ନକଳ୍ପ ରଚୁଥାଏ
ଜୀବନକୁ ବେଶି
ଭଲ ପାଏ ବୋଲି
ଜୀବନର ଗୀତ ଗାଏ।୨।

ମୈତ୍ରୀ ବିହାର, ଖୋର୍ଦ୍ଧା

# ଜୀବନ ରଙ୍ଗ

ଯମେଶ୍ୱର କହଲସିଂହ



ସକାଳକୁ ଦିନେ ପଚାରିଥିଲି ମୁଁ
ଖୋଲା ଛାତପରେ ବସି
ଖାଲି ପଡିଛି ମୋ' ମନ ସିଂହାସନ
ଅଳପ ବୟସୀ ଧୀରପଦ  ଚାଳି
ଆସିବୁକି ହସିହସି.........,
ଛନ୍ଦ ମଧୁରେ କଣେଇ ଚାହିଁଲା......
କୋକିଳ କଣ୍ଠେ ଦରଦେ ଭାଷିଲା......
ତୁମେ ଦେଇପାର ହୃଦୟ ଠିକଣା
ତୁମେ ଦେଇପାର ପ୍ରୀତି ବନ୍ଧନ ମୂଳ,
ସବୁ ଦେଇପାରେ ତୁମକୁ,  ହେଲେ ମୁଁ.....
ଦେଇପାରିବିନି ତୁମରି ହାତରେ
ମନ ପାରିଜାତ ଫୁଲ ........।।

ଯୌବନଦୀପ୍ତ ମଧ୍ୟାହ୍ନକୁ ଦିନେ
କରିଥିଲି ଅନୁରୋଧ......
ଦେଇ ପାରିବକି ଉଷ୍ମତା ଭରା-
ମନ-ଯଉବନ ଚାଖିବାକୁ ନୂଆ ସ୍ୱାଦ,
ଅଧରେ ଫୁଟାଇ ରଜନୀଗନ୍ଧା
ମଧୁର ମଧ୍ୟାହ୍ନ ଉତ୍ତରିଲା ସିଧାସିଧା.....
ଦେହ ଦେଇପାରେ ତୁମକୁ ବନ୍ଧୁ
ମନଟା କିନ୍ତୁ ପଡିଅଛି ମୋ'ର
ଅନ୍ୟ ପାଖରେ ବନ୍ଧା...........।।

ସୁନ୍ଦରୀ ଗୋଧୂଳି....., କଅଁଳ ସଞ୍ଜକୁ.......
ହୃଦୟର କଥା ପଚାରିଲି ଯେବେ
କହିଲେ ସେ ରହିରହି........
ଆଗକୁ ପଛକୁ ଚାହିଁ........
ସ୍ନାୟୁ ସବୁ ଆମ ଶୋଇଛି ନିଦରେ
କ୍ଳାନ୍ତ ଅବଶ ଜୀବନ ତ ସରେ
ଏ ବେଳେ ଆସିଲ କାହିଁ.......
ପ୍ରେମ ଆଲିଙ୍ଗନ...... ସୁଖ ଚନ୍ଦନ.......
ସମର୍ପି ଦେବାକୁ ବଳ କି ବୟସ ନାହିଁ ......।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ଜୀବନ ଖେଳ

ଡ. ଶଙ୍କର ଡି. ମିଶ୍ର

ଭାବେ ଯେବେ ଥରେ
ବ୍ୟଥିତ ଭୟରେ,
ହେବି କଣ ପରେ,
ଖେଳ ଯେବେ ସରେ?

ଭାବିଥିଲି, ଛକା ମାରି
ମୋ' ଜୀବନ ବଲ୍ କୁ କରିବି
ଭବ ବାଉଣ୍ଡରି ପାରି,
ହାୟ! ହେବ କଣ ଏବେ?
ପଡ଼ିଗଲି ଧରା ଫିଲଡର୍ ର ହାତେ,
ବଗ ଥଣ୍ଟେ ମୀନ ମାଛ ପରି !

ଲାଭ ନାହିଁ, ଲାଭ ନାହିଁ
ହେଲେ ଖାଲି ପଛ କଥା ଘାରି,
ନିଜକୁ କହିଲେ....
ନିଜ ତ୍ରୁଟି ପାଇଁ "ସରି"!

ବରିଷ୍ଠ ଅଧ୍ୟାପକ,
କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟ
ବାଲିଚନ୍ଦ୍ରପୁର, ଯାଜପୁର

# ଜୀବନର ଅର୍ଥ ଆଡ଼କୁ ଏକ ମପାଚୁପା ଯାତ୍ରା

**ଭବାନୀ ପ୍ରସାଦ କର**

ଜୀବନ କ'ଣ ବୁଝିବାକୁ ମଶାଣିକି ଗଲି
ଜୀବନ କହିଲେ ସାଧାରଣ ଅର୍ଥରେ ଯାହା
ତାହା ଶେଷ ହୁଏ ଏଇଠି
ୟା ପରେ ଯାହା ବଳେ ତା'କୁ ଆମେ 'ସ୍ମୃତି' କହୁ
ଏଣୁ ହୁଏତ କିଛି ମିଳିବ ଏଠୁ ଅର୍ଥ କି ତାତ୍ପର୍ଯ୍ୟ
କାହାଣୀର ଶେଷରେ ତ ସାରକଥା ବୁଝାପଡେ
ଏଇ ନ୍ୟାୟରେ।
ଉଦୁଉଦିଆ ଦି' ପହରେ, ଖାଁ ଖାଁ ଲାଗୁଥିବା
ଏଇ ବିଭୂତିବୋଳା ଶୁନ୍ୟାଳୟରେ
ମୁଁ ଖୋଜୁଥାଏ ଅର୍ଥ।
ପ୍ରକୃତରେ ଅର୍ଥ କିଛି ଥାଏ ନା
ଖୋଜିବସିଲେ ଯାହା ମିଳେ
ତା'କୁ ଆରୋପିତ ସତ୍ୟ ଭାବେ ମାନି ନିଆଯାଏ
ଭଙ୍ଗା ହୃଦୟରେ ଈଶ୍ୱର ମିଳନ୍ତି ବୋଲି ଶୁଣିଥିଲି
(ଜୀବନକୁ କେହି କେହି ଈଶ୍ୱରଙ୍କ ପ୍ରତିଶବ୍ଦ ବୋଲି କୁହନ୍ତି)
ଏଠି ସବୁ ଭାଙ୍ଗେ
ହୃଦୟ, ମସ୍ତିଷ୍କ, ଆତ୍ମା ଓ ଈଶ୍ୱର ବି।
ମଣିଷ ବୋଲି ଯାହା ଆମ ଆଖିକୁ ଦିଶେ
କେବଳ ରହିଯାଏ ଦି' ଚାରି ମୁଠା ପାଉଁଶ ଶେଷେ।
ଭାରି ଏକପାଖିଆ ଲାଗିଲା
ଜୀବନକୁ ନେଇ ଧାରଣା ଏଠାର।

ଶ୍ମଶାନ କ'ଣ କେବେ ହସ ଦେଖିଥିବ?
ଯୌବନ ବିଜଡ଼ିତ ଆଲିଙ୍ଗନ କି ଚୁମ୍ବନ
ଏଠି ସାତ ସପନ।
ପୂର୍ଣ୍ଣାଙ୍ଗ ଅର୍ଥ ପାଇଁ
ଆରମ୍ଭରୁ ଅନୁସନ୍ଧାନ ଯେ ଅନିବାର୍ଯ୍ୟ ବୁଝିଗଲି
ଡାକ୍ତରଖାନାର ପ୍ରସବ ୱାର୍ଡରୁ ଶୁଭୁଥିବା
ସଦ୍ୟଜାତ ସମ୍ଭାବନାର ସ୍ପନ୍ଦନ
ଆଉ ବାହା ବେଦିରୁ ବାହୁଡିଥିବା
ନବ ଦମ୍ପତିଙ୍କ ପୁଲକିତ ମନ।
ଏସବୁ ହିସାବକୁ ନ ନେଲେ
ଗୋଟେ ନିରପେକ୍ଷ ସାରାଂଶକୁ ଭେଟିବି କେମିତି
ଏ ସନାତନ ପ୍ରଶ୍ନର ଉତ୍ତର ଭାବେ
ଗୋଟେ ସଜ୍ଞା ଦେଇଦେବା ବଦଳରେ
ତିଆରି ଚାଲିଛି ପ୍ରଶ୍ନ ପରେ ପ୍ରଶ୍ନ
କିଛି ଗୋଟେ ଅର୍ଥ କରିଦେଇ
ଚୁପ୍ ବସି ଯିବା କେମିତି
ଅସରନ୍ତି କାହାଣୀର ନି ନୂଆ ମୋଡ
ନୂଆ ଛନ୍ଦ, ଅନପେକ୍ଷିତ ଛନ୍ଦପତନ
ଏଣୁ ଖୋଜା ଚାଲିଛି ଅବିରତ
ପ୍ରକୃତିର ପ୍ରତିଟି ପଦପାତେ ତା'ର ରୂପାୟନ।

**ଗୁରୁଜଙ୍ଗ, ଖୋର୍ଦ୍ଧା**

# ଜନ୍ମ ଜନ୍ମାନ୍ତର

ଲକ୍ଷ୍ମୀପ୍ରିୟା ମହାରଣା

ତୁମ ବିଶୁଦ୍ଧ ପ୍ରେମ ଆବେଗ
ଦେଇଛି ଚିହ୍ନାଚିହ୍ନା ଆତ୍ମୀୟତା
ଶିଶିର ପଣତରେ ମୁହଁ ପୋଛୁ ପୋଛୁ
ଦୃଶ୍ୟ ହୁଏ ତୁମ ପ୍ରତିବିମ୍ବ

ଆଉ କିଛି ସାଫଲ୍ୟର ରଙ୍ଗ
ଭରିଯାଏ ଅନ୍ତର ମଧ୍ୟରେ
ଆଗାମୀ ସୂର୍ଯ୍ୟକୁ ଖୋଜିବା ପାଇଁ
ମନରେ ଉଙ୍କିମାରେ ଅଦମ୍ୟ ସାହସ ଓ ଧୈର୍ଯ୍ୟ

ସବୁ କିଛି ତୁମ ଆତ୍ମୀୟତାର ନିଦର୍ଶନ
ଝିପିଝିପି ବରଷାର କଅଁଳ ସ୍ପର୍ଶ ପରି
ମୋ' ତନୁମନ ହୁଏ ଆଜି ଆନମନା
ଶ୍ୟାମଳ ଶ୍ରଦ୍ଧାର ତାଳପତ୍ର ମେଲିବାକୁ
ହୋଇ ଉଠେ ବ୍ୟାକୁଳ।

ଦିଗବଳୟ ସେପାରିରୁ ସାଉଁଟୁ ଥାଏ ମୁଁ
ପୂର୍ଣ୍ଣିମାର ପ୍ରଣୟ ତିଥି।

ଧନୁପାଲି, ସମ୍ବଲପୁର

# ହେ ଜୀବନ

ମନୋରମା ପଣ୍ଡା



ହେ ଜୀବନ..........
ତୁମେ ଲକ୍ଷେ କାମନାର କଳ୍ପତରୁ
ତୁମେ ଇପ୍ସିତ
କେତେବେଳେ ତୁମେ ଶ୍ରାବଣର ଅବାରିତ
ବାରିଧାରା,
କେତେବେଳେ ତୁମେ ବସନ୍ତର
ମଧୁ ମାଦକତା.......
କେବେ କେବେ ତୁମେ ନିଦାଘର
କ୍ରୁର ରୌଦ୍ରତା....
ତଥାପି ତୁମେ ଆକାଂକ୍ଷିତ ଆଗନ୍ତୁକ।
ତୁମକୁ ଜିଇଁବାର କଳା  ହିଁ
ମାନବତା।
ଅନେକ ସୁଖ ଦୁଃଖ , ସ୍ମୃତି ବିସ୍ମୃତି
ଜୟ, ପରାଜୟ
ଆଶା  ନିରାଶା, ଦାନ ପ୍ରତିଦାନ
ଅନେକ କିଛିର ସମାହାର
ତୁମେ ଜୀବନ.....
ତୁମେ ତ ମହାଶିକ୍ଷା,
ସବୁକିଛି ପାଇବା ଆଉ ହରାଇବାର
ଆବିଷ୍କାର ହିଁ ତୁମ ଭିତରେ ସମାହିତ,
ତଥାପି ତୁମେ ପୂଜ୍ୟ, ତୁମେ ଉପାସ୍ୟ
ହେ ଜୀବନ  !
ତୁମେ ଈଶ୍ଵରଙ୍କ ଶ୍ରେଷ୍ଠ ବରଦାନ।
ତୁମକୁ ସୁସ୍ୱାଗତ........



# ଜୀବନ ସମୟର

ନଳିନୀ ଦାଶ

ଜୀବନଟା ଏକ
ଆଦ୍ୟ ପ୍ରଭାତର
ଓଁ କାର ଧ୍ୱନି ସମ
ପକ୍ଷୀ କାକଳିରେ
ମୃଦୁ ମଳୟରେ
ଶୀତଳ ଛୁଆଁର ଭ୍ରମ।
ଅବୁଝା ଜୀବନ
ଅବୁଝା ବୟସ
ନୂତନତା ଅଭିପ୍ରାୟ
ସକାଳ କଁଅଳ
ଖରା ଡେଇଁଯିବା
ଚଗଲାମି ଅଭିନୟ।
କେତେ ଯେ ବିଭୋର
ସୁନେଲି ସ୍ୱପ୍ନରେ
କିଏ କଣ୍ଟା କିଏ ଫୁଲ
ଜାଣେ ନାହିଁ ସିଏ
ଜୀବନର ସଜ୍ଞା
ମାପିବାର ମୂଳ ଚାଲ।

ଅଥୟ ଅସ୍ଥିର
ସାଗରର ଢେଉ
ଲଂଘିବା ଅଭ୍ୟାସ ତା'ର
ନାଚିବା ଡେଇଁବା
ଏଇ ଜୀବନର
ନିୟମିତ ନୀତି ତା'ର।
ଜୀବନଟା ନୁହେଁ
ନାନା ଜାତି ଫୁଲ
ରଙ୍ଗର ସମାହାର
ସୁଖ ଦୁଃଖ ଭରା
ଏଇ ଜୀବନରେ
ସମୟ ନୁହଁଇ ସ୍ଥିର।
ଜୀବନ ଚକ୍ରରେ
ସମୟ ଚକ୍ରର
ଯେବେ ହୁଏ ଭେଟାଭେଟି
ସେଦିନ ଦେହରୁ
ବିଚ୍ଛେଦ ଜୀବନ
ସବୁ ହୋଇଯାଏ ମାଟି।

ଖୋର୍ଦ୍ଧା



# ଜୀବନ

**ଜବାହରଲାଲ ସୁବୁଦ୍ଧି**

ଜନମ ମରଣ    ଦୁଇଟି ଶବଦ
ତା' ମଧ୍ୟେ ଥାଏ ଜୀବନ,
ଜୀବନକୁ ବାଜି    ଲଗାଇ ପାରିଲେ
ପାଇବ ଯେ ସନମାନ (୧)
ମଣିଷ ଜୀବନ    ସବୁଠୁ ମହାନ
ହେଜି କାମ କରିଯାଅ,
ଭଲକାମ କରି    ନାମ ରଖିଯାଅ
ଜଗତେ ସୁଫଳ ପାଅ (୨)
ଟିକି ମହୁମାଛି    ବଡ଼ ଜୀବ ହାତୀ
ସଭିଏଁ କାମ କରନ୍ତି,
ମଣିଷ ଜୀବନେ    ସଦା କାମକରି
ଜୀବନେ ପାଆଟି ଶାନ୍ତି (୩)
ଜଗତର ହିତେ    ନିଜକୁ ସଅଁପି
ଆନମନା ହୁଅନାହିଁ,
ଲାଞ୍ଚ,ମିଛ ଆଉ    ଅହଂକାର ତେଜ
ସତ୍ୟର ସାରଥି ହୋଇ (୪)
ବିଭୁଙ୍କୁ ସୁମରି    ଭଲ କାମ କଲେ
ଜୀବନେ ସଫଳ ହେବ,
ପରିଶ୍ରମ କେବେ    ବୃଥା ଯାଏ ନାହିଁ
କଥାଟି ମନେ ରଖିବ (୫)
ଜୀବ ହିତେ ମନ    ପୁଣ୍ୟ କାମ ଭାଇ
ନରକୁ ଅମର କରେ,
ମାନବର ସେବା    ମାଧବଙ୍କ ସେବା
ଲେଖାଅଛି ପୁରାଣରେ (୬)

ବଡ଼ତୋଟା, ଜଟଣୀ, ଖୋର୍ଦ୍ଧା

# ଜୀବନାଞ୍ଜଳି

ଡକ୍ଟର ସୁଷମା ମିଶ୍ର



ଆଞ୍ଜୁଳା ପାଇକି ଲୋଡ଼ା ଦୁଇଟି ପାପୁଲି
ଯୋଡ଼ିହେଲେ ହାତ ସାଙ୍ଗେ ହାତ
ଗଢ଼ାହୁଏ ନିମିଷକେ ଅଞ୍ଜଳିର ପୁଟ ।
ପାଖେ ଥାଇ ଦୁଇଟି ମଣିଷ
ସମୟର ସୂତାରେ ଲଟକି
ଦୂରତାରେ ହେଲେ ଆତଯାତ
ଜୀବନର ଅଞ୍ଜଳିରେ ଅଲକ୍ଷ୍ୟରେ
ହୋଇଯାଏ ଫାଙ୍କ ।
ଫାଙ୍କ ଦେଇ ବୁଣିଯାଏ ସ୍ୱପ୍ନର ଚାଉଳ
ଯେଉଁଥିରେ ଜମାହୋଇ ରହିଥାଏ
ଜିଇବାର ଅକ୍ଷତ ସମ୍ବଳ ।
ଦୁଇଟିପ ଯୋଡ଼ାଇଲେ ଘେନିଥାଏ
ଅଣ୍ଟର ଆକାର
ଟିପଯୋଡ଼ା ଚଞ୍ଚୁମୁନ ଖୁଣ୍ଟିନାଣ୍ଟି
ନେଇପାରେ ଯାହାସବୁ
ହାତରୁ ଖସିଛି ।

ଦୁଇଟି ଚଞ୍ଚୁ ଯେବେ ହୁଅଇ ଏକାଠି
ଗଢ଼ାହୁଏ ପ୍ରତୀକ୍ଷିତ ନୀଡ଼
ଦୁଇମନ ଏକହୋଇ
ଇଚ୍ଛା ବର ଘେନି ତ ପାରଇ
ପତାରେ ପତାକୁ ଥୋଇ
ଯୋଡ଼ିଦେଲେ ନିଦର ଅଠାରେ
ଦେହ ଲୋଟେ ଫୁଲପରି
ହଂସୁଳୀ ଶେଯରେ
ଆଖି ଆଖି ମିଶିଗଲେ
ଲେଖାହୁଏ ପ୍ରାଣର ସଙ୍ଗୀତ
ଦୁଇଯୋଡ଼ା ଆଖି ଯେବେ ଶୋଇଯାଏ
ଗୋଟିଏ ନିଦରେ
ଆଉ ଥରେ ଛୁଇଁଯାଏ ଯୋଡ଼ିଂ ଜୀବନକୁ
ମଧୁମିତ ଶ୍ୟାମଳ ପ୍ରଭାତ ।
ହେ ନିଦ ସମୟ!
ସୂତାଟିକେ ଦିଅ ହୁଗୁଳାଇ
ଦୁଇଟି ହୃଦୟର ଗୋଟିଏ ସ୍ପନ୍ଦନ
ଗଢ଼ିଦେଉ ଚିରକାଳ ଜୀବନାଞ୍ଜଳି ।

ଖଣ୍ଡଗିରି ଏନକ୍ଲେଭ
ଭୁବନେଶ୍ୱର

# ଜୀବନ ରହସ୍ୟ

**ରମାକାନ୍ତ ମିଶ୍ର**



ଜୀବନ ରହସ୍ୟ ଭେଦ ନୁହେଁ ସାଧାରଣ
ହୃତପିଣ୍ଡେ ସଂଚରି କରେ ମୃତପିଣ୍ଡ ଧାରଣ (୧)
କେଉଁଠାରୁ ଆସେ ସିଏ କେଉଁଠାକୁ ଯାଏ
କେଜାଣି ତା' ଗତିବିଧି ବତାଇବ କିଏ? (୨)
ପ୍ରତୀକ୍ଷଣେ ଯାଏ ପୁଣି ବାହୁଡ଼ି ସେ ଆସେ
ସମୟ ସୀମା ନ ଲଙ୍ଘି ଯଥା ସ୍ଥାନେ ବସେ (୩)
ଜନ୍ମରୁ ମରଣ ଯାଏଁ ଏପରି ତା' ଗତି
ଅଜ୍ଞାତ ପ୍ରକୃତି ତା'ର କିଏ ଅଧିପତି (୪)
ନିରାକାର ପରମାତ୍ମା  ନିଃସୃତ ସେ ଅଂଶ
ଜୀବାତ୍ମା ରୂପରେ ନାମ ନିଃଶ୍ୱାସ ପ୍ରଶ୍ୱାସ (୫)
ପଂଚପ୍ରାଣ ରୂପେ କରେ ପ୍ରାଣୀ ଦେହେ ବାସ
ବିଧିଆଜ୍ଞା ଅନୁବର୍ତ୍ତୀ ପାଳେ ତା' ଆଦେଶ (୬)
କୌଣସି ମୁହୂର୍ତ୍ତେ ସେତ ଦେହ କରି ଶୂନ୍ୟ
ସହସା ମହାଶୂନ୍ୟରେ ହୁଅଇ ବିଲୀନ (୭)
ଜୀବନ ସର୍ବଦା ମହାକାଳର ଆୟତ
କାଳଦିଏ କାଳନିଏ ଶାଶ୍ୱତ ଏ ସ୍ରୋତ (୮)
ଜୀବନର ଏ ଧର୍ମକୁ ନ ଜାଣି ମାନବ
ନଶ୍ୱର ବିଶ୍ୱେ ସଜାଏ ନିଜକୁ ଦାନବ (୯)
କାମ କ୍ରୋଧ ଲୋଭ ମୋହ ମଦ ମାତ୍ସର୍ଯ୍ୟର
ବଶ ହୋଇ ସୃଜେ ଲୀଳା ଭୟ ଆଶ୍ଚର୍ଯ୍ୟର (୧୦)
ସଂଭୋଗ ପିପାସା ପୂର୍ତ୍ତି ନିମିତ ଜୀବନ
ଆସିନାହିଁ ଅବତରି ଏ ମର ଭୁବନ (୧୧)
ସତ୍ୟ -ଶିବ -ସୁନ୍ଦର ଏ ସୃଷ୍ଟିର ରକ୍ଷଣ
କର୍ମରେ ପ୍ରବୃତ୍ତି ସାଧୁ ଜୀବନ ଲକ୍ଷଣ (୧୨)
ବୃକ୍ଷଲତା ପଶୁପକ୍ଷୀ ପଞ୍ଚମହାଭୂତି
ପ୍ରପଂଚ ରକ୍ଷଣେ ହେଉ ମାନବ ପ୍ରବୃତ୍ତି (୧୩)
ବିଶ୍ୱହିତ ବ୍ରତ ହେଉ ମାନବର ସଦା
ସ୍ୱାର୍ଥ ମୂଲ୍ୟଦେଇ କିଣୁ ପରାର୍ଥ ସଉଦା (୧୪)
ଜୀବନ ନୁହଁଇ କେବେ ଆଶାନିରାଶାର
ନୁହଁଇ ସେ ମୃଗତୃଷ୍ଣା ମରୁ ହାହାକାର (୧୫)
ଏ ସବୁର ମୂଳ ସିନା ଅଟଇ କାମନା
ତା'ର ଅପୂରଣେ ନର ହୁଏ କ୍ଷୁବ୍ଧମନା (୧୬)
ଜଳ ଭ୍ରମେ ମରୀଚିକା ପଛେ କଲେ ଗତି
ଦୂର ନୁହେଁ ତୃଷ୍ଣା କେବେ ନ ମିଳେ ତୃପତି (୧୭)
ମଧୁରତା ପୁଣ୍ୟଜଳେ ଲିଭେ ନାହିଁ ତୃଷ୍ଣା
ଅଧିକ ଅଧିକ ସିନା ବଢ଼ଇ ପିପାସା (୧୮)
ସୁଖ ଦୁଃଖ ଭୋଗୀ ସଦା ଅଟେ ଦେହମନ
ତା' ନୁହଁଇ ଜୀବନର ଉତ୍ଥାନ ପତନ (୧୯)
ଦେହମନ ଆୟତ୍ତରେ ନାହିଁ ତ ଜୀବନ
ସେତ ସ୍ୱଚ୍ଛ -ଅନାବିଳ -ପବିତ୍ର ସ୍ଫୁରଣ (୨୦)
ଜୀବନ ଜ୍ୟୋତିରେ କରି ବିଶ୍ୱ ଆଲୋକିତ
ନଶ୍ୱରତା ଭାଙ୍ଗି ନର କରୁ ତା' ଅମୃତ । (୨୧)

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ**
**ଜଟଣୀ**

# ଜୀବନ ଦର୍ପଣ



ପ୍ରତିମା ମଣ୍ଡଳ

ଜୀବନ ଆମର କେତେ ଅନୁଭୂତି
ମନରୁ ଯାଏ ନାହିଁ ପାଶୋରି ଆଜି
କେତେ ମାନ ଅଭିମାନ
କେତେ ହସ କାନ୍ଦ
ମନେ ରହିଯାଏ ହେଜି ହେଜି..... (୧)
ଜୀବନ ଆମର କେତେ ଗୁଣ ଗାଥା
ମନରୁ ଯାଏ ନାହିଁ ପାଶୋରି ଆଜି
ପଥେ ଗଲା ବେଳେ
କେତେ କ୍ଲାନ୍ତ ଆସେ
ଛାପ ଚିହ୍ନ ସବୁ ରହିଯାଏ ତେଜି ତେଜି....(୨)
ଜୀବନ ଆମର କେତେ ଭାବ ଭାବ
ମନରୁ ଯାଏ ନାହିଁ ପାଶୋରି ଆଜି
କେତେ ଭାଇ ଭାଗ
କେତେ ବନ୍ଧୁ ସାଙ୍ଗ
ମିଳି ମିଶି ରହୁଥାଉ ବୁଝି ବୁଝି.... (୩)
ଜୀବନ ଆମର କେତେ ରଙ୍ଗ ଢଙ୍ଗ
ମନରୁ ଯାଏ ନାହିଁ ପାଶୋରି ଆଜି
କେତେ ନିର୍ମିତ ଧ୍ୱଂସ
କେତେ ଆରମ୍ଭ ଶେଷ
ମନେ ରହିଥାଏ ଡାଲ ସାଜି ସାଜି..... (୪)
ଜୀବନ ଆମର କେତେ ଆରୋହ ଅବରୋହ
ମନରୁ ଯାଏ ନାହିଁ ପାଶୋରି ଆଜି
କେତେ ସୁଖ ଦୁଃଖ
କେତେ ମାନ ସମ୍ମାନ
ମନେ ରହିଥାଏ  ମାଜି ମାଜି..... (୫)

# ତିନିପଦ ଜୀବନ କବିତା

**ନିଶିକାନ୍ତ କହଲସିଂହ**



--: ଏକ :--

ରାତିକି କରିଲି
ପ୍ରଣୟିନୀ ପ୍ରିୟା
ସକାଳକୁ ହେଲି ବାହା,
ରାତି ଦେଲା ମୋତେ
ସବୁଜ ସପନ
ସକାଳ ଦେଇଛି ରାହା ।।

--: ଦୁଇ :--

ଫୁଲ ସାଥେ କଲି
ମଧୁ ଆଳାପନା
କଣ୍ଟାକୁ ମଣିଲି ମିତ,
କଣ୍ଟା ଲେଖେ ଆଜି
କବିତା ମୋ' ପାଇଁ
ଫୁଲ ଗାଏ ମିଠା ଗୀତ ।।

--: ତିନି :--

ନଦୀକୁ ଭାବିଲି
ମନର ମାନସୀ
ନାଆକୁ ମଣିଲି ସଖୀ,
ନଦୀ କଲା ମୋତେ
ନିଜଠୁ ନିଜର
ନାଆ ବି ଦେଇନି ଠକି ।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

Ama Kabita ◆ Volume : II ◆ Issue : 3 ◆ March 2023



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା




ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ